

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୪ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 MARCH 2024

Vol.No. 35 ■ No.63 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ନିର୍ବାଚନ ପାଇଁ ନନଷ୍ଟପ ନରେନ୍ଦ୍ର ମୋଦୀ

୧୦ ଦିନରେ ୧୨ ରାଜ୍ୟରେ କରିବେ ୨୯ ଜନସଭା ଓ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ, ୦୩/୩ : ଲୋକସଭା ନିର୍ବାଚନର ସମ୍ଭାବ୍ୟ ଘୋଷଣା ପୂର୍ବରୁ ଆସନ୍ତା ୧୦ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୯ଟି କାର୍ଯ୍ୟକ୍ରମରେ ଯୋଗ ଦେବେ। ସେ ତେଲେଙ୍ଗାନା, ତାମିଲନାଡୁ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଜମ୍ମୁ-କଶ୍ମୀର, ଆସାମ, ଅରୁଣାଚଳ ପ୍ରଦେଶ, ଉତ୍ତରପ୍ରଦେଶ, ଗୁଜରାଟ, ରାଜସ୍ଥାନ ଓ ଦିଲ୍ଲୀ ଗସ୍ତ କରିବେ। ସୋମବାର ପ୍ରଧାନମନ୍ତ୍ରୀ ମୋଦୀ ତେଲେଙ୍ଗାନାର ଆଦିଲାବାଦରେ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦଘାଟନ କରିବେ ଏବଂ ପରେ ତାମିଲନାଡୁର କଲପକ୍କମଠାରେ ଥିବା ଭାରତୀୟ ନାଭିକିଆ ବିଦ୍ୟୁତ ନିଗମ ଲିମିଟେଡ୍ (ଭବାନୀ) ପରିଦର୍ଶନ କରିବେ। ଗସ୍ତ କାଳରେ ସେ ଆଦିଲାବାଦ ଓ ଚେନ୍ନାଇରେ ଜନସଭାକୁ ସମ୍ବୋଧିତ କରିବେ। ଆସନ୍ତା ୫ ତାରିଖରେ ତେଲେଙ୍ଗାନାର ସାଙ୍ଗାରେଡ୍ଡୀରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ଓଡ଼ିଶା ଗସ୍ତ ପୂର୍ବରୁ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଏହାପରେ ସେ ପଶ୍ଚିମବଙ୍ଗ ଯିବା ପୂର୍ବରୁ ଓଡ଼ିଶାର ଚଣ୍ଡିଖୋଲରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ମାର୍ଚ୍ଚ ୬ ରେ ପ୍ରଧାନମନ୍ତ୍ରୀ ମୋଦୀ କୋଲକାତାରେ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ କରିବା ସହ ବାରସାତରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହାପରେ ସେ ବିହାର ଯାଇ ବେତିଆରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ମାର୍ଚ୍ଚ ୭ ରେ ପ୍ରଧାନମନ୍ତ୍ରୀ ଜମ୍ମୁ-କଶ୍ମୀର ଗସ୍ତରେ ଯିବେ ଏବଂ ସନ୍ଧ୍ୟାରେ ଦିଲ୍ଲୀରେ ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଯୋଗ ଦେବେ। ମାର୍ଚ୍ଚ ୮ରେ ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀରେ ପ୍ରଥମ ଥର ପାଇଁ ଜାତୀୟ ନିର୍ମାତା ପୁରସ୍କାରରେ ଅଂଶଗ୍ରହଣ କରିବେ ଏବଂ ପରେ ସନ୍ଧ୍ୟାରେ ଆସାମ ଅଭିମୁଖେ ଯାତ୍ରା କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଅରୁଣାଚଳ ପ୍ରଦେଶର ପଶ୍ଚିମ କାମେଙ୍ଗରେ ସେଲା ଟନେଲ ଉଦଘାଟନ କରିବା ପରେ ଇଟାନଗରରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ। ସେ ଆସାମର ଜୋରହାଟଠାରେ କିମ୍ବଦନ୍ତୀ ଆହୋମ ସେନା କମାଣ୍ଡର ଲଚିତ୍ ବୋରଫୁକାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ଏହାପରେ ସେ ଜୋରହାଟରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ପରେ ସେ ପଶ୍ଚିମବଙ୍ଗ ଗସ୍ତ କରି ସିଲିଗୁଡ଼ିରେ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ସେଠାରେ ଏକ ସାଧାରଣ ସଭାରେ ଉଦବୋଧନ ଦେବେ।

⌈ ଜଣଙ୍କ ଦେହରେ ବଞ୍ଚି ରହିବେ ⌈ ବର୍ଷର ଶୁଭୋଜିତ

ଭୁବନେଶ୍ୱର, ୦୩/୩ (ନି.ପ୍ର): ପରୀକ୍ଷା ଥିବାରୁ ବାପା, ମାଆ, ଜେଜେଙ୍କୁ ପ୍ରଣାମ କରି ଘରୁ ବାହାରିଥିଲେ କୁଳନନ୍ଦନ ଶୁଭୋଜିତ। କିନ୍ତୁ ସେ ଜାଣିନଥିଲେ ସେହି ପ୍ରଣାମ ଥିଲା ତାଙ୍କ ପାଇଁ ଶେଷ ପ୍ରଣାମ। ଆଉ ସେହି ପରୀକ୍ଷା ଥିଲା ଜୀବନର ଶେଷ ପରୀକ୍ଷା ବୋଲି। ଜୀବନର ଶେଷ ପରୀକ୍ଷା ଖାତାରେ ଲେଖିବା ପୂର୍ବରୁ ନିଷ୍ଠୁର ହେଲା ଦଇବ! ସ୍କୁଲର ଶ୍ରେଣୀ ଗୃହରେ ପଡ଼ିଗଲେ। ଆଉ ମେଡ଼ିକାଲ୍‌ରେ ଚିକିତ୍ସା ହେଉ ହେଉ ବ୍ରେନ୍ ଡେଡ୍ ହୋଇଗଲା। ପୁଅ ଆଉ କୋଳକୁ ଫେରିବନି ଭାବି ଛାତିକୁ କଠୋର କରି ନେଲେ ବଡ଼ ନିଷ୍ପତ୍ତି। ଶୁଭୋଜିତର ଅଙ୍ଗଦାନ କରିଦେ। ଏବେ ⌈ ଜଣଙ୍କ ଦେହରେ ⌈ ବର୍ଷର ଶୁଭୋଜିତ ସାହୁ ରହିବ। ଭୁବନେଶ୍ୱର କଳ୍ପନା ଅଞ୍ଚଳର ବିଶ୍ୱଜିତ୍ ସାହୁଙ୍କ ପୁଅ ହେଉଛନ୍ତି ଶୁଭୋଜିତ। ବୟସ ⌈ ବର୍ଷ ହେବ। ବିଜେବି ଇଲିଂଶ ମିଡ଼ିୟମ୍ ସ୍କୁଲରେ ପାଠ ପଢୁଥିଲେ। ଗତ ବୁଧବାର ଦିନ ପରୀକ୍ଷା ଥିବାରୁ ବାପା ଓ ମାଆଙ୍କ ଭୂମିଷ୍ଠ ପ୍ରଣାମ କରି ଘରୁ ବାହାରିଥିଲେ। ସେତେବେଳେ ବେଶ୍ ଉତ୍ସାହିତ ଥିଲେ। ଖୁସି ମନରେ ପରୀକ୍ଷା ଦେବା ପାଇଁ ସ୍କୁଲ୍ ଯାଇଥିଲେ। ସ୍କୁଲରେ ପ୍ରାର୍ଥନା ସରିବା ପରେ ପରୀକ୍ଷା ହଲ୍‌ରେ ବସିଥିଲେ ଶୁଭୋଜିତ। ପରୀକ୍ଷା ଆରମ୍ଭ ହୋଇଥିଲା। ପାଖ ସିଟ୍‌ରେ ବସିଥିବା ବନ୍ଧୁଙ୍କ ସହିତ କଥା ହେଉଥିବା ବେଳେ ହଠାତ୍ ଚେତା ହରାଇ ତଳେ ପଡ଼ିଗଲେ ଶୁଭୋଜିତ। ପରୀକ୍ଷା ହଲ୍‌ରେ ଥିବା ମାଡ଼ାମ ଓ ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ଶିଶୁ ଭବନରେ ଭର୍ତ୍ତି କରିଥିଲେ। ଏଥିସହ ପରିବାରକୁ ଖବର ଦେଇଥିଲେ ସ୍କୁଲ୍ କର୍ତ୍ତୃପକ୍ଷ। ଘରେ ବିଶ୍ୱଜିତ ନଥିବାରୁ ଶ୍ୱଶୁରଙ୍କୁ ସାଥୀରେ ଧରି ମେଡ଼ିକାଲ୍ ଯାଇଥିଲେ ଶୁଭୋଜିତଙ୍କ ମାଆ। ସେପଟେ ଶିଶୁ ଭବନରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଶୁଭୋଜିତଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବାରୁ ଆଇସିୟୁ ଦରକାର ପଡ଼ିଥିଲା। ସେତେବେଳେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଆଇସିୟୁ ଖାଲି ନଥିଲା। ତେଣୁ ପରିବାର ଲୋକେ ଛୁଆକୁ ଧରି ଏକ ପ୍ରାଇଭେଟ୍ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଆଇସିୟୁରେ ଚିକିତ୍ସା କରାଯାଇଥିଲା।

▶▶ପୃଷ୍ଠା ୭

ବଢ଼ିଲା ନିର୍ମାଣ ଶ୍ରମିକଙ୍କ ପେନ୍‌ସନ୍

ଭୁବନେଶ୍ୱର, ୦୩/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନିର୍ମାଣ ଶ୍ରମିକମାନଙ୍କ ପେନ୍‌ସନ ବୃଦ୍ଧି ସଂପର୍କରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ 'ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ' ଅଧୀନରେ ପଞ୍ଜୀକୃତ ହୋଇଥିବା ନିର୍ମାଣ ଶ୍ରମିକ ମାନଙ୍କ ପେନ୍‌ସନ ରାଶିରେ ବୃଦ୍ଧି କରାଯାଇଛି। ଏମାନେ ସମସ୍ତେ ନିର୍ମାଣ ଶ୍ରମିକ ପେନ୍‌ସନ ଯୋଜନାରେ ଉପକୃତ ହେଉଛନ୍ତି। ସୂଚନାଯୋଗ୍ୟ ଯେ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ନିର୍ମାଣ ଶ୍ରମିକ ଓ ସେମାନଙ୍କ ପ୍ରତିନିଧିମାନେ ଏଥିପାଇଁ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିଷ୍ପତ୍ତି ଅନୁଯାୟୀ ୬୦ ବର୍ଷ ଅତିକ୍ରମ କରିଥିବା ନିର୍ମାଣ ଶ୍ରମିକ ମାନେ ଏଣିକି ୫୦୦ ଟଙ୍କା ପରିବର୍ତ୍ତେ ୧୦୦୦ ଟଙ୍କା ମାସିକ ପେନ୍‌ସନ ପାଇବେ। ସେହିପରି ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ମାନେ ୭୦୦ ଟଙ୍କା ପରିବର୍ତ୍ତେ ୧୨୦୦ ଟଙ୍କା ପାଇବେ। ଏହି ନୂତନ ପେନ୍‌ସନ ୨୦୨୪ ଫେବ୍ରୁଆରି ମାସରୁ ପିଛିଲା ଭାବେ ଲାଗୁ ହେବ। ଏ ବାବଦରେ ଆବଶ୍ୟକୀୟ ଖର୍ଚ୍ଚ ଓଡିଶା କୋଠାବଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ବହନ କରିବ।

ପାରାଦୀପରୁ କେନ୍ଦ୍ରାପଡ଼ା ଦେଇ କେନ୍ଦୁଝର ଗଡ଼ିବ ମେମୋ

ଭୁବନେଶ୍ୱର, ୦୩/୩ (ନି.ପ୍ର): ଦୀର୍ଘ ଦିନ ଅପେକ୍ଷାର ଅନ୍ତ ଘଟିଲା। ବହୁ ପ୍ରତିକ୍ଷୀତ ପରାଦୀପ-ହରିଦାସପୁର ରେଳ ଲାଇନ୍‌ରେ ଗଡ଼ିବ ଯାତ୍ରୀବାହୀ ଟ୍ରେନ୍। ପାରାଦୀପରୁ କେନ୍ଦ୍ରାପଡ଼ା ଦେଇ କେନ୍ଦୁଝର ଗଡ଼ିବ ମେମୋ ଟ୍ରେନ୍। ଆସନ୍ତା ୫ ତାରିଖରେ ଓଡ଼ିଶା ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ଟ୍ରେନ୍‌ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୦ ମସିହାରେ ପାରାଦୀପ-ହରିଦାସପୁର ରେଳ ଲାଇନ୍‌ରେ ମାଲ୍‌ବାହୀ ଟ୍ରେନ୍ ଚାଲିଥିଲା। ତା'ପରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବା ପାଇଁ ଦାବି ହୋଇ ଆସୁଥିଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କେନ୍ଦ୍ରାପଡ଼ା ଗସ୍ତ ସମୟରେ ସ୍ଥାନୀୟ ଲୋକ ପୁରୁଣା ଦାବି ଦୋହରାଇ ଥିଲେ। ଯାତ୍ରୀବାହୀ ଟ୍ରେନ୍ ଚଳାଇବା ପାଇଁ ଦାବି କରିଥିଲେ। ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି ରେଳ ମନ୍ତ୍ରଣାଳୟ। ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଯାଜପୁର ଜିଲ୍ଲା ଚଣ୍ଡିଖୋଲରେ ହେବାକୁ ଥିବା ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବେ। ସେହି ସମୟରେ ପତାକା ଦେଖାଇ ପ୍ରଧାନମନ୍ତ୍ରୀ

▶▶ପୃଷ୍ଠା ୭

ବିଜେଡିରୁ ଇସ୍ତଫା ଦେଇ ବିଜେପିକୁ ଫେରିଲେ ବିଧାୟକ ଅରବିନ୍ଦ ଢାଲି

ଭୁବନେଶ୍ୱର, ୦୩/୩ (ନି.ପ୍ର):ଗତକାଲି ବିଜେଡିରୁ ଇସ୍ତଫା ଦେଇଥିବା ଜୟଦେବ ବିଧାୟକ ଅରବିନ୍ଦ ଢାଲି ଆଜି ପୁଣି ବିଜେପିକୁ ଫେରିଛନ୍ତି। ଭୁବନେଶ୍ୱର ସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସେ ଦଳରେ ମିଶିଛନ୍ତି। ବିଜେପି ରାଜ୍ୟ ନିର୍ବାଚନ ପ୍ରଭାରୀ, ସହପ୍ରଭାରୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ତାଙ୍କ ସହିତ ପୂର୍ବତନ ବିଜେଡି ବିଧାୟକ ମୁକୁନ୍ଦ ସୋଢ଼ି ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି। ବିଜେପିରେ ଯୋଗ ଦେବା ଅରବିନ୍ଦ ଢାଲି କହିଛନ୍ତି, ଯେଭଳି ଲୋକେ ବିଜେପିରେ ମିଶୁଛନ୍ତି, ଲାଗୁଛି ଶହେରୁ ଅଧିକ ସିଟ୍ ପାଇବୁ। ଶହେରୁ ଅଧିକ ବିଧାନସଭା ଓ ସମସ୍ତ ୨୧ଟି ଲୋକସଭା ସିଟ୍ ଜିତିବୁ।

▶▶ପୃଷ୍ଠା ୭

ବୋଲେରୋ-ବୁଲେଟ ମୁହାମୁହି ଧକ୍କା: ୨ ମୃତ

ଭବାନୀପାଟଣା, ୦୩/୩ (ନି.ପ୍ର): ଭବାନୀପାଟଣା ଓ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟ ରାଜପଥର ଛତି କୁଡ଼ା ରାସ୍ତାରେ ଆଜି ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଓ ବୁଲେଟ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ କିଡ଼ିଂ ଗାଁର ଜଗଦାନନ୍ଦ ଶବର ଓ କପିଳାସ ରାଉତ ବୋଲି ଜଣାପଡ଼ିଛି। ସେମାନେ ବୁଲେଟରେ ଯାଉଥିଲେ। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ଯାଞ୍ଚ କରିବା ସହିତ ଗାଡି ଦୁଇଟିକୁ ଜବତ କରିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

ଶ୍ରୀମନ୍ଦିରରେ ପଶିଲେ ଅଣହିନ୍ଦୁ: ମିଳିଲା ବାଂଲାଦେଶୀ ପାସ୍‌ପୋର୍ଟ

ପୁରୀ, ୦୩/୩ (ନି.ପ୍ର): ଶ୍ରୀମନ୍ଦିରରେ ପଶିଲେ ଅଣହିନ୍ଦୁ। ଜଣେ କି ଦୁଇ ଜଣ ନୁହେଁ, ଜଣେ ହିନ୍ଦୁଙ୍କ ସହିତ ୪ ଜଣ ଅଣ ହିନ୍ଦୁ ଶ୍ରୀମନ୍ଦିର ଭିତରେ ପଶି ଥିଲେ। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିଥିବା ଅଭିଯୋଗ ହୋଇଛି। ସିଂହଦ୍ୱାର ଥାନା ପୁଲିସ୍ ସେମାନଙ୍କଠାରୁ ଗୋଟିଏ ବାଂଲାଦେଶୀ ପାସ୍‌ପୋର୍ଟ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଆଜି ୯ ଜଣ ବାଂଲାଦେଶୀ ପର୍ଯ୍ୟଟକ ଶ୍ରୀକ୍ଷେତ୍ର ପୁରୀ ଆସିଥିଲେ। ସେମାନଙ୍କ ଭିତରୁ ୪ ଜଣ ପରିକ୍ରମା ମାର୍ଗରେ ବସିଥିବା ବେଳେ ୫ ଜଣ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ଶ୍ରୀମନ୍ଦିର ଭିତରକୁ ଯାଇଥିବା ୫ ଜଣଙ୍କ ଭିତରେ ଜଣେ ଅଛନ୍ତି ହିନ୍ଦୁ। ବାକି ୪ ଜଣ ଅଣ ହିନ୍ଦୁ। ଅଭିଯୋଗ ଅନୁସାରେ ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ମହାପ୍ରସାଦ ସେବନ କରିଛନ୍ତି। ଆଉ ଶ୍ରୀମନ୍ଦିରରୁ ବାହାରିଲା ବେଳେ ସାଥୀରେ ମହାପ୍ରସାଦ ଧରି ବାହାରୁଥିବା ଅଭିଯୋଗ ହୋଇଛି। ପରିକ୍ରମା ମାର୍ଗରେ ବସିଥିବା ୪ ଜଣ ବ୍ୟକ୍ତି ଅଣ ହିନ୍ଦୁ ବୋଲି

▶▶ପୃଷ୍ଠା ୭

କାଠଯୋଡ଼ି ସାହିତ୍ୟ ସଂସଦ କଟକର ସପ୍ତମ ସାରସ୍ୱତ ସମାରୋହ-୨୦୨୪ ପରିପ୍ରେକ୍ଷୀରେ ଅତିଥିମାନଙ୍କ ଗହଣରେ 'କାଠଯୋଡ଼ି କବିତା ସମ୍ମାନ' ଗ୍ରହଣ କରୁଛନ୍ତି 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ।

ଡ୍ରାଇଭର ମୋବାଇଲ୍ ଫୋନ୍‌ରେ କ୍ରିକେଟ୍ ମ୍ୟାଚ୍ ଦେଖୁଥିବାରୁ ଘଟିଥିଲା ଟ୍ରେନ୍ ଦୁର୍ଘଟଣା

ନୂଆଦିଲ୍ଲୀ, ୦୩/୩ : ୨୦୨୩ ଅକ୍ଟୋବର ୨୯ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ବେଳେ ଆନ୍ଧ୍ର ପ୍ରଦେଶର ବିଜୟନଗରମ ଜିଲ୍ଲା କଣ୍ଟକପଲ୍ଲୀରେ ରାୟଗଡ଼ା ପାସେଞ୍ଜର ଓ ବିଶାଖାପଟନମ-ପଲାସା ଟ୍ରେନ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଏହି ଦୁର୍ଘଟଣା ପାଇଁ ରାୟଗଡ଼ା ପାସେଞ୍ଜର ଟ୍ରେନ୍‌ର ଡ୍ରାଇଭର ଓ ସହକାରୀ ଡ୍ରାଇଭର ଦାୟୀ ବୋଲି ରେଳବାଇର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ରେଲୱେର ନୂଆ ନିରାପତ୍ତା ବ୍ୟବସ୍ଥା ସଂପର୍କରେ ସୂଚନା ଦେଲା ବେଳେ ସେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉଭୟ ଲୋକ ପାଇଲଟ ଓ ସହକାରୀ ଲୋକ ପାଇଲଟ ମୋବାଇଲ୍ ଫୋନ୍‌ରେ କ୍ରିକେଟ୍ ମ୍ୟାଚ୍ ଦେଖୁଥିଲେ। ସେଥିପାଇଁ ସେମାନେ ଅନ୍ୟମନସ୍କ ଥିଲେ ଓ ନିଜ କାମ ଉପରେ ଧ୍ୟାନ ଦେଇ ପାରି ନଥିଲେ। ଏବେ ଆମେ ଏମିତି ଏକ ବ୍ୟବସ୍ଥା କରୁଛୁ ଯେ ଚଳନ୍ତା ଟ୍ରେନ୍‌ରେ ଲୋକ ପାଇଲଟ କିମ୍ବା ସହକାରୀ ଲୋକପାଇଲଟଙ୍କ ଧ୍ୟାନ ସେମାନଙ୍କ କାମ ଉପରୁ ହଟିଲେ ତାହା ଧରି ନେବ ଓ ସତର୍କ କରାଇ ଦେବ। ଲୋକ ପାଇଲଟ ଓ ସହକାରୀ ଲୋକ ପାଇଲଟଙ୍କ ଧ୍ୟାନ ଯେପରି ସର୍ବଦା ସେମାନଙ୍କ କାର୍ଯ୍ୟ ଉପରେ ରହିବ, ତାକୁ ସୁନିଶ୍ଚିତ କରିବ ଏହି ବ୍ୟବସ୍ଥା। ଶ୍ରୀ ବୈଷ୍ଣବ କହିଛନ୍ତି, ଆମେ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଜାରି ରଖିବୁ।

▶▶ପୃଷ୍ଠା ୭

ଗୋଟିଏ ଦିନରେ ୩,୦୩୭ କୋଟି ଟଙ୍କାରେ ୫୨ଟି ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର, ୦୩/୩ (ନି.ପ୍ର): ଜଳସେଚନ କ୍ଷେତ୍ରରେ ଏକ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି ହୋଇଛି। ଗୋଟିଏ ଦିନରେ ୩,୦୩୭ କୋଟି ଟଙ୍କାରେ ୫୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତିପ୍ରସ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ଏଥିରେ ୪ଟି ଜିଲ୍ଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବା ବେଳେ ୧୫ଟି ଜିଲ୍ଲାରେ ୨୯୦୬ କୋଟି ଟଙ୍କାରେ ୪୬ଟି ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀର କଲ୍ୟାଣ ଓ କୃଷିର ବିକାଶ ମୋ ପାଇଁ ସବୁବେଳେ ପ୍ରାଥମିକତା ହୋଇ ରହି ଆସିଛି। ମୁଁ ପ୍ରତିଦିନ ଭୁବନେଶ୍ୱରରେ ବିଭିନ୍ନ ଅଂଚଳର ଚାଷୀ ଭାଇଭଉଣୀମାନଙ୍କୁ ଭେଟୁଛି ବୋଲି ପ୍ରକାଶ କରି ସେ କହିଥିଲେ ଚାଷୀଙ୍କ ପାଇଁ ଆମର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମ ଖୁବ୍ ଭଲ କାମ କରୁଛି। ସେ କହିଥିଲେ ଯେ ଗତ କିଛି ଦିନ ଧରି ଓଡିଶାର ବିଭିନ୍ନ ଅଂଚଳରେ ଛୋଟ ବଡ ଅନେକ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇ ଆସୁଛି। ଏହା ସହିତ ନୂଆ ପ୍ରକଳ୍ପ ପାଇଁ ଭିତି ପ୍ରସ୍ତର ମଧ୍ୟ ରଖାଯାଉଛି। ଏହି ସବୁ ପ୍ରକଳ୍ପଗୁଡିକରେ ୫ଟି ଉପକ୍ରମ ଅଧିନରେ ଟେକ୍‌ନୋଲୋଜିର ପ୍ରୟୋଗ କରାଯାଇ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରାଯାଉଛି। ଭୂତଳ ପାଇପଲାଇନ ଜରିଆରେ ଜଳସେଚନ ଯୋଗୁଁ ବିସ୍ଥାପନ ସମସ୍ୟା ଦୂର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆଜିର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ନୟାଗଡର କୁସୁମି ବ୍ୟାରେଜ ଉଦ୍‌ଘାଟିତ ହୋଇଛି। ୭୦.୮୮ କୋଟି ଟଙ୍କା ବ୍ୟୟରେ ନିର୍ମିତ କୁସୁମୀ ବ୍ୟାରେଜରୁ ଜଳ ଯୋଗାଣ ନିମନ୍ତେ ୧୪୮.୧୭ କୋଟି ଟଙ୍କା ବ୍ୟୟରେ ଭୂତଳ ପାଇପ ଲାଇନ ବଂଟନ ବ୍ୟବସ୍ଥାର ଭିତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହା ଦ୍ୱାରା ୯୨୫୪ ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇ ପାରିବ ଏବଂ ୩ଟି ବ୍ଲକର ୪୯ଟି ଗ୍ରାମର ୧.୫ଲକ୍ଷ ଲୋକ ଉପକୃତ ହେବେ । ଏହା ସହିତ ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜଳକୁ ଭୂତଳ ପାଇପଲାଇନ ଦ୍ୱାରା ବଂଟନ ବ୍ୟବସ୍ଥାର ଲୋକାର୍ପଣ ମଧ୍ୟ କରାଯାଇଛି। ହାଡୁଆ ଡ୍ୟାମ ଓ ତା'ର ଭୂତଳ ପାଇପ ଲାଇନ ବଂଟନ ବ୍ୟବସ୍ଥାର ମଧ୍ୟ ଭିତି ପ୍ରସ୍ତର ସ୍ଥାପନ କରାଗଲା। ଏହାଦ୍ୱାରା କଟକ ଜିଲ୍ଲାର ୮୬ ଗ୍ରାମର ୮୯୯୭ ଏକର ଚାଷ ଜମିକୁ ଜଳସେଚନ ଯୋଗାଇବା ସହିତ ୨୯୩ ଗ୍ରାମକୁ ପାନୀୟ ଜଳ ଯୋଗାଣ ଓ ୧ ମେଗାୱାଟର ବିଦ୍ୟୁତ ଉତ୍ପାଦନର ଲକ୍ଷ୍ୟ ରଖାଯାଇଅଛି । ହାଡୁଆ ଡ୍ୟାମ ଓ ତା'ର ଭୂତଳ ପାଇପ ଲାଇନ ବଂଟନ ବ୍ୟବସ୍ଥାର ବ୍ୟୟ ଅଟକଳ ଯଥାକ୍ରମେ ୨୬୫.୨୪ କୋଟି ଓ ୧୯୫.୮୯ କୋଟି ଟଙ୍କା ଅଟେ। କଟକ ଡିମିରିଆ-ରାଉତପଡା ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ବୈଦେଶ୍ୱର-ଗୋପିନାଥପୁର ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଓ ନବରଙ୍ଗପୁର ଫଟକି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ- ଏହି ପରି ୩ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ସହିତ ୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପଲାଇନ ଓ ଅନାନ୍ୟ ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀମାନଙ୍କ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ମାଗଣାରେ ଫସଲବୀମା ସୁବିଧା, ଚାଷୀପିଲାଙ୍କ ପାଇଁ କାଳିଆ ଛାତ୍ରବୃତି ଓ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆମ ଓଡିଶା ନବୀନ ଓଡିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଲକ୍ଷ୍ମୀ ପରି ଯୋଜନା ସହିତ ଚାଷୀ ପରିବାର ଯୋଡି ହୋଇ ରହିଛନ୍ତି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଆମ ଅର୍ଥନୀତିର ସାରଥି। ସେମାନଙ୍କୁ ସାଥିରେ ଧରି ମୁଁ ସବୁବେଳେ ରହିଛି। ସେମାନଙ୍କ ପାଇଁ କାମ କରୁଛି ଓ କରୁଥିବି। କାର୍ଯ୍ୟକ୍ରମରେ ବଲାଙ୍ଗିର ପାଟଣାଗଡରେ ଉପସ୍ଥିତ ଜଳ ସମ୍ପଦ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଲେ ଯେ ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ ଭାବେ ଓଡିଶାର ବିକାଶକୁ ଆଗେଇ ନେଉଛନ୍ତି। ପ୍ରତ୍ୟେକ ଚାଷୀଙ୍କ ଜମିକୁ ଯେପରି ପର୍ଯ୍ୟାପ୍ତ ପରିମାଣର ପାଣି ପହଞ୍ଚିବ ସେ ଦିଗରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହି ଆଜି ରାଜ୍ୟର ଚାଷୀ ଭାଇଭଉଣୀଙ୍କ ବିକାଶ ପଥରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଲା ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମକୁ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଶ୍ରୀ କାର୍ତିକ ପାଣ୍ଡିଆନ ସଂଯୋଜନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ସେ ଯାହା ବି କଥା ଦେଇଛନ୍ତି, ତାହା ନିଶ୍ଚୟ ପୂରଣ କରିବେ। ତାଙ୍କ ଜିଲ୍ଲା ଗସ୍ତ ସମୟରେ ଜଳସେଚନ ଉପରେ ଯେଉଁ ସବୁ ସମସ୍ୟା ବାବଦରେ ଅଭିଯୋଗ ଆସିଥିଲା, ସେଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସମାଧାନ ହୋଇ ସାରିଛି ବୋଲି ସେ କହିଥିଲେ । ଆଜି ଭିତି ପ୍ରସ୍ତର ଦିଆଯାଇଥିବା ପ୍ରକଳ୍ପ ଗୁଡିକ ପାଇଁ ସମସ୍ତଙ୍କ ସହଯୋଗ ମିଳିଲେ କାମ ଖୁବ୍ ଶୀଘ୍ର ଶେଷ ହେବ ବୋଲି ସେ କହିଥିଲେ। ନୟାଗଡ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ପୁରୀ ଶ୍ରୀମନ୍ଦିରଠାରୁ ଆରମ୍ଭ କରି ସମଲେଇ ମନ୍ଦିର ପର୍ଯ୍ୟନ୍ତ ରୂପାନ୍ତରଣ କାର୍ଯ୍ୟ କରାଯାଇଛି। ଖୁବ୍ ଶୀଘ୍ର କଂଟିଲୋ ନୀଳମାଧବ ପୀଠର ରୂପାନ୍ତରଣ କାମ ଶେଷ ହୋଇ ଲୋକାର୍ପିତ ହେବ।

କାର୍ଯ୍ୟକ୍ରମରେ ରାୟଗଡାରେ ଉପସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ବଡମ୍ବାଠାରେ ଉପସ୍ଥିତ ବିଧାୟକ ଦେବୀ ପ୍ରସାଦ ମିଶ୍ର, ନୟାଗଡରେ ବିଧାୟକ ଡ. ଅରୁଣ କୁମାର ସାହୁ, କୁଚିଣ୍ଡାରେ ବିଧାୟକ କିଶୋର ଚନ୍ଦ୍ର ନାୟକ, ପାଟଣାଗଡରେ ବିଧାୟକ ସରୋଜ କୁମାର ମେହେର, ନବରଙ୍ଗପୁର ଝରିଗାଁରେ ସାଂସଦ ରମେଶ ଚନ୍ଦ୍ର ମାଝୀ କହିଥିଲେ ଯେ ଆଜି ଜଳସେଚନ ବିଭାଗ ଚାଷୀ କୂଳର ଜୀବନ ରେଖା ପାଲଟିଛି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହେଲା ପଲ୍ସ ପୋଲିଓ ଟିକାକରଣ ଅଭିଯାନ

ମୟୂରଭଞ୍ଜ, ୦୩/୩ (ନି.ପ୍ର): ଆଜି ସମଗ୍ର ଜିଲ୍ଲାରେ ଆରମ୍ଭ ହୋଇଛି ପଲ୍ସ ପୋଲିଓ ଟିକାକରଣ ଅଭିଯାନ ଓ ଜିଲ୍ଲାର ସଦର ମହକୁମା ବାରିପଦାର ଦେବେନ୍ଦ୍ରପୁର ସ୍ଥିତ ଜନସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରବିବାର ଦିନ ସକାଳ ୮ଟାରେ ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି ଓ ସୂଚନା ଥାଉକି, ଏହି ଟିକାକରଣ ଅଭିଯାନ ତିନି ଦିନ ଧରି ଚାଲିବ। ଏହି ପରିପ୍ରେକ୍ଷୀରେ ଆଜି ପ୍ରଥମ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥଗୁଡିକରେ ଜନ୍ମରୁ ପାଞ୍ଚ ବର୍ଷ ପିଲାମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ବ୍ୟବସ୍ଥା କରା ଯାଇଅଛି। ଏଥି ନିମନ୍ତେ ଜିଲ୍ଲାରେ ୧୧୭୦ଟି କେନ୍ଦ୍ରରେ ୨୩୪୦ଟି ଟିମ୍ ଗଠନ କରାଯାଇଛି ସେହି ଟିମରେ ସମସ୍ତ ସ୍ୱାସ୍ଥ୍ୟ କର୍ମୀ ରହି ପିଲାମାନଙ୍କୁ ପୋଲିଓ ବୁନ୍ଦା ଦେବା ସହିତ ୪ ଓ ୫ ତାରିଖ ଦିନ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ପିଲା ଚିହ୍ନଟ କରି ପିଲାଙ୍କୁ ପୋଲିଓ ବୃନ୍ଦା ଦେବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ଏନ.ଜି.ଓ ଆଦିଙ୍କୁ ଅଭିଯାନ କୁ ସଫଳ କରିବା ଏବଂ ଟିକାକରଣରୁ କୌଣସି ଶିଶୁ ଯେପରି ବାଦ ନ ପଡନ୍ତି ସେଥି ପ୍ରତି ଧ୍ୟାନ ଦେବା ପାଇଁ ଅନୁରୋଧ କରାଯାଇଅଛି ଓ ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲାର ୨.୨୪ ଲକ୍ଷରୁ ଅଧିକ ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି ଓ ଏହି ଅବସରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ ଅଭୟ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ଡଃ ସୁନନ୍ଦା ମିଶ୍ର, ବରିଷ୍ଠ ଚିକିତ୍ସା ଅଧିକାରୀ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ), ଡଃ ସନ୍ତୋଷ ସାହୁ, ଡିପିଏମ, ଡଃ ପ୍ରଭୁ ପ୍ରତ୍ୟନ୍ତ ପତି, ଡ଼ିଭିଏଲଏମ, ଶ୍ରୀ ଉମାଶଙ୍କର ମୁଖି ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ ।

କୁକୁଡ଼ା ଚିଆଁ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର, ୦୩/୩ (ନି.ପ୍ର): କୃଷି ଭବନଠାରେ ଶନିବାର କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଅପପୁଷ୍ଟି ଦୂରୀକରଣ ପାଇଁ ଘରଦୁଆରେ ପୁଷ୍ଟି ଯୋଜନାରେ କୁକୁଡ଼ା ଚିଆଁ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିବା ବିଭାଗୀୟ ଅଧିକାରୀମାନେ ନିଜ ନିଜ ଜିଲ୍ଲାରେ ଚିହ୍ନଟ ହିତାଧିକାରୀମାନଙ୍କୁ କୁକୁଡ଼ା ଚିଆଁ ବଂଟନ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଖାଦ୍ୟ ନିରାପତା ସହିତ ରାଜ୍ୟବାସୀଙ୍କ ପୁଷ୍ଟି ସୁରକ୍ଷା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରହିଛି। ରାଜ୍ୟ ସରକାର ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିଥିବାବେଳେ ରକ୍ତହୀନତା ଓ ଅପପୁଷ୍ଟିର ଶିକାର ହୋଇଥିବା ମା' ଓ ଶିଶୁମାନଙ୍କୁ ଅପପୁଷ୍ଟି ଓ ରକ୍ତହୀନତା ଦୂର କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ସୁସ୍ଥ ମା' ଓ ସୁସ୍ଥ ଶିଶୁର ପରିକଳ୍ପନା ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସଂପନ୍ନ ପଦକ୍ଷେପ ସ୍ୱରୂପ 'ଘରଦୁଆରେ ପୁଷ୍ଟି' ଯୋଜନା ଆରମ୍ଭ କରାଯାଇଛି। ଏଥି ମଧ୍ୟରେ ଚିହ୍ନଟ ହିତାଧିକାରୀ ପରିବାରଙ୍କୁ ଫଳ ଓ ପନିପରିବା ଚାରା ବଣ୍ଟନ ଏବଂ କୁକୁଡ଼ା ଚିଆଁ ବଂଟନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ଯୋଜନାରେ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ପକ୍ଷରୁ ପ୍ରାଣୀଜ ପୁଷ୍ଟିସାର ଯୋଗାଇଦେବା ପାଇଁ କୁକୁଡ଼ା ଚିଆଁ ବଂଟନ କାରାଯାଉଛି। ରାଜ୍ୟର ୭ ଲକ୍ଷରୁ ଉର୍ଦ୍ଧ୍ୱର୍ ପରିବାର ଏହି କାର୍ଯ୍ୟକ୍ରମରେ ଉପକୃତ ହେବେ। ପରିବାର ପ୍ରତି ୫ ଗୋଟି ୨୮ ଦିନିଆ କୁକୁଡ଼ା ଚିଆଁ ବିନା ମୂଲ୍ୟରେ ପ୍ରଦାନ କରାଯାଉଛି। ଦିନିକିଆ କୁକୁଡ଼ା ଚିଆଁ ତୁଳନାରେ ୨୮ ଦିନିଆ କୁକୁଡ଼ା ଚିଆଁ ପାଳନ ସୁବିଧାଜନକ ହୋଇଥିବାରୁ ବିଭାଗ ତରଫରୁ ୨୮ ଦିନିଆ କୁକୁଡ଼ା ଯୋଗାଇ ଦିଆଯାଉଛି । ବାଡ଼ି ଅଗଣାରେ ପାଳନ କରିବାକୁ ଥିବା ଏହି କୁକୁଡ଼ାରୁ ହିତାଧିକାରୀ ପରିବାରଙ୍କୁ ହାତପାଆନ୍ତାରେ ଅଣ୍ଡା ମିଳିବ ଏବଂ ଅଣ୍ଡା ପୁଷ୍ଟି ସାଧନରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବ। ଏହି କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୨୪ କୋଟି ଟଙ୍କା ବ୍ୟୟ ହେବ ଏବଂ ଏଥିରୁ ଦୈନିକ ପ୍ରାୟ ୪ ଲକ୍ଷ ୫୦ ହଜାର ଅଣ୍ଡା ଓ ବର୍ଷକୁ ପ୍ରାୟ ୧୬ କୋଟି ଅଣ୍ଡା ଉତ୍ପାଦନ ହୋଇପାରିବ। ଏହି କୁକୁଡ଼ା ଚିଆଁଗୁଡିକୁ ଲୋକମାନଙ୍କ ଘର ପାଖରେ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ପୂର୍ବରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଅପପୁଷ୍ଟିରେ ପୀଡ଼ିତ ପରିବାରଙ୍କୁ ସଜନା, କଦଳୀ, ଅମୃତଭଣ୍ଡା, କନ୍ଦମୂଳ ଆଦି ଚାରା ବଂଟନ କରାଯାଇଛି। ଏଥିରୁ ସେମାନେ ସଜନା ଶାଗ, ସଜନା ଛୁଇଁ, କଂଚା କଦଳୀ, ଅମୃତଭଣ୍ଡା ପରି ପରିବା ପାଇପାରିବେ ଏବଂ ସେମାନଙ୍କର ପୁଷ୍ଟି ସାଧନ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ।

ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିବା ରାଜ୍ୟର ୩୦ଟି ଜିଲ୍ଲାର ୩୦ଟି ପଂଚାୟତର ହିତାଧିକାରୀମାନଙ୍କ ସହ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସିଧାସଳଖ କଥାବାର୍ତା ହୋଇଥିଲେ। ପ୍ରାରମ୍ଭରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଥିଲେ ଯେ, କୁକୁଡ଼ା ଚିଆଁ ପାଳନ ମାଧ୍ୟମରେ ରାଜ୍ୟର ପ୍ରାୟ ୭ ଲକ୍ଷ ପରିବାରକୁ ଆବଶ୍ୟକୀୟ ପୁଷ୍ଟିସାର ମିଳିବ। ଛୋଟ ଛୁଆ ଓ ମା' ମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅତିରିକ୍ତ ନିର୍ଦ୍ଦେଶକ ଡ. ସଚ୍ଚିଦାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପିର ପଦଯାତ୍ରା

ଭୁବନେଶ୍ୱର, ୦୩/୩ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ବାସୀଙ୍କୁ ମୋଦୀଙ୍କ ଗ୍ୟାରେଂଟି ନାରାକୁ ନେଇ ବିଜେପିର ପଦଯାତ୍ରା ୱାର୍ଡ଼ ନଂ ୪୯ର ବିଭିନ୍ନ ଅଂଚଳ ପରିକ୍ରମା କରିଥିଲା।ଏହି ପଦଯାତ୍ରାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ଭୁବନେଶ୍ୱର ବିଜେପି ସଭାପତି ବାବୁ ସିଂ ଏହି ପଦଯାତ୍ରା ରେ ଚାଲିଥିଲେ ଦଳୀୟ କର୍ମୀ ଙ୍କ ସହ ମିଶି।ପଦଯାତ୍ରାକୁ ମା ଭଉଣୀ ମାନେ ହୁଳ ହୁଳି ଦେଇ , ଘରୁ ପୁଷ୍ପ ବୃଷ୍ଟି କରି ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରିଥିଲେ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ,ଓଡିଶାର ବିକାଶ ପାଇଁ ମୋଦି ଗ୍ୟାରେଂଟି ଏକମାତ୍ର ବିକଳ୍ପ । ଓଡିଶାବାସୀଙ୍କ ସମର୍ଥନ ବଳରେ ବିଜେପି ସମସ୍ତ ବାଧା ଦୂର କରିବାରେ ସଫଳ ହେବ ଓ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବ।ଜନ ସମ୍ପର୍କ ପଦଯାତ୍ରା ରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ଓଡ଼ିଶାରେ ଚାଲିବ ମୋଦି ଗ୍ୟାରେଂଟି । ପୁଣି ଏଥର "ମୋଦି ସରକାର, ଓଡିଶାରେ ବିଜେପି ସରକାର" ଗଠନ ହେବ ।ଏକାମ୍ର ନିର୍ବାଚନ ମଣ୍ଡଳୀରେ ଚାଲିବ ମୋଦି ଗ୍ୟାରେଂଟି। ମୋଦି ଗ୍ୟାରେଂଟିର ସୁଲାଭରୁ ବଂଚିତ ଓଡିଶାବାସୀ । ବିଗତ ୧୦ବର୍ଷର ମୋଦି ଗ୍ୟାରେଂଟିର ସୁଲାଭ, ଓଡିଶାର ଶେଷ ପାହାଚରେ ଛିଡା ହୋଇଥିବା ବ୍ୟକ୍ତି ପାଖରେ ପହଁଚାଇବାର ଦାୟୀତ୍ୱ ହେଉଛି ବିଜେପି କାର୍ଯ୍ୟକର୍ତାଙ୍କର। ମୋଦି ଗ୍ୟାରେଂଟିର ବାଧକ ଏବଂ ବାଧା ସୃଷ୍ଟିକାରୀଙ୍କୁ କେବେ ହେଲେ କ୍ଷମା ଦେବେ ନାହିଁ ଓଡିଶାବାସୀ । ଆଜିର ସମୟରେ ମୋଦିଜୀଙ୍କ ଗ୍ୟାରେଂଟିର ଅର୍ଥ "ଗ୍ୟାରେଂଟି ପୂରା ହେବାର ଗ୍ୟାରେଂଟି ବୋଲି ଶ୍ରୀ ସିଂ କହିଛନ୍ତି।

କନ୍ୟା ଭ୍ରୁଣ ହତ୍ୟା କଡାକଡି ଭାବେ ପାଳନ କରିବା ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୦୩/୩ (ନି.ପ୍ର): କନ୍ୟାଭ୍ରୁଣ ହତ୍ୟା ନିଷେଧ ଉପଦେଷ୍ଟା ମଣ୍ଡଳୀର ବୈଠକ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକ ରେ କନ୍ୟା ଭ୍ରୁଣ ହତ୍ୟା, ଲିଙ୍ଗ ନିରୂପଣ କରାଯାଉ ଥିଲେ ସଂପୃକ୍ତ କ୍ଲିନିକ ଓ ତାର ପରିଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ କଡା ତାଗିଦ କରୁଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ବୈଠକରେ ଜିଲ୍ଲାରେ ମୋଟ ୨୪ଟି

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ସୋମବାର, ୦୪ ମାର୍ଚ୍ଚ ୨୦୨୩

କୁକୁଡ଼ା କରୁଛନ୍ତି ବିଦ୍ୟୁତ୍ ଉତ୍ପାଦନ

ଆଶ୍ଚର୍ଯ୍ୟ ହେଲେ ବି ସତ। କୁକୁଡ଼ା କରୁଛନ୍ତି ବିଦ୍ୟୁତ୍ ଉତ୍ପାଦନ। ଚୀନ୍‌ରେ ଦେଖିବାକୁ ମିଳିଛି ଏହି ଦୃଶ୍ୟ। ଚୀନ୍‌ର ଏକ ଫାର୍ମରେ ରହିଛନ୍ତି ୩୦ ଲକ୍ଷ କୁକୁଡ଼ା। ଏହି କୁକୁଡ଼ା ମାନଙ୍କ ଠାରୁ ପ୍ରାୟ ୫୦ କୋଟି ଅଣ୍ଡା ବର୍ଷକୁ ମିଳିଥାଏ। ଏହା ସହିତ ଏହି କୁକୁଡ଼ା ମାନେ ବିଦ୍ୟୁତ୍ ଉତ୍ପାଦନରେ ମଧ୍ୟ ଯଥେଷ୍ଟ ସହାୟତା କରୁଛନ୍ତି। ଏହି ୩୦ ଲକ୍ଷ କୁକୁଡ଼ାଙ୍କ ଠାରୁ ପ୍ରତିଦିନ ମିଳିଥାଏ ୨ ଲକ୍ଷ ଟନ୍ ମଳ। ହେଲେ ଏହି ମଳ ଆଦୌ ନଷ୍ଟ ହୋଇନଥାଏ। ଏଥିରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ମଳରୁ ଦୈନିକ ବିଦ୍ୟୁତ୍ ଉତ୍ପାଦନ ମଧ୍ୟ କରାଯାଉଛି। ପୂର୍ବରୁ ଫାର୍ମ ପକ୍ଷରୁ କୁକୁଡ଼ା ମାନଙ୍କ ମଳକୁ ନେଇ ଚିନ୍ତା କରାଯାଉଥିଲା। ହେଲେ ଆବର୍ଜନାରୁ ବିଦ୍ୟୁତ୍ ଉତ୍ପାଦନ ସମ୍ଭବ ବୋଲି ଜାଣିବା ପରେ ଫାର୍ମ କର୍ତ୍ତୃପକ୍ଷ ଏନେଇ ଦକ୍ଷ ଗ୍ରହଣ କରିଥିଲେ। ପ୍ରଥମେ ପ୍ରତିଦିନ ବାହାରୁଥିବା ଆବର୍ଜନାରୁ କେତେ ରିମାଣର ବିଦ୍ୟୁତ୍ ଉତ୍ପାଦନ ହୋଇପାରି ସେ ସମ୍ପର୍କରେ ଆକଳନ କରାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଫାର୍ମ ଠାରୁ କିଛି ଦୂରରେ ଏକ ପ୍ରକଳ୍ପ ତିଆରି କରାଯାଇଥିଲା। ମେସିନ୍ ସାହାଯ୍ୟରେ ପ୍ରତିଦିନ ଏହି ମଳ ସିଧାସଳଖ ପ୍ରକଳ୍ପର ଆବର୍ଜନା ରହୁଥିବା ଚ୍ୟାମ୍ବରକୁ ଯାଇଥାଏ। ସେଠାରେ ବିଭିନ୍ନ ରାସାୟନିକ ପଦ୍ଧତିର ବିନିଯୋଗ କରାଯାଇ ଏଥିରୁ କିପରି ବାୟୋଗ୍ୟାସ୍ ଉତ୍ପନ୍ନ କରାଯାଇ ପାରିବ ସେ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ଫାର୍ମର ସମସ୍ତ ବିଦ୍ୟୁତ୍ ଆବଶ୍ୟକତାକୁ କୁକୁଡ଼ା ମଳରୁ ଉତ୍ପାଦିତ ବିଦ୍ୟୁତ୍ ମାଧ୍ୟମରେ କରାଯାଉଛି। ଆଗକୁ ଆଖପାଖ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇବା ନିମନ୍ତେ ଉଦ୍ୟମ କରାଯାଉଥିବା ଜଣାପଡିଛି।

ବର୍ଜ୍ୟ ବସ୍ତୁରୁ କାଗଜ

ସାରା ପୃଥିବୀର କାଗଜ କଳମାନ କଞ୍ଚା ମାଲ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ। କାଗଜ ଉତ୍ପାଦନ ନିମନ୍ତେ ବହୁ ସଂଖ୍ୟକ ବୃକ୍ଷ କଟାଯାଉଛି। କାଗଜ ପରିବେଶ ବିରୋଧୀ ହୋଇଥିଲେ ହେଁ ବ୍ୟାବସାୟିକ ଉତ୍ପାଦନକୁ ଏକାଧବକ କାରଣରୁ ନିୟନ୍ତ୍ରିତ କରାଯାଇପାରୁ ନାହିଁ। ତେବେ ଆମେ ଏହା ମଧ୍ୟ ଭୁଲିଯିବା ଅନୁଚିତ ଯେ, ବିନା ବୃକ୍ଷଲତାରେ ବର୍ଜ୍ୟ ପଦାର୍ଥରୁ ବି କାଗଜ ତିଆରି କରାଯାଇ ପାରେ। ବର୍ଜ୍ୟ ଦାର୍ଥ ବିନିଯୋଗରେ ହାତରେ କାଗଜ ପ୍ରସ୍ତୁତି ଏକ ଦେଶୀୟ କଳା। ୧୪୨୦-୧୪୭୦ ମଧ୍ୟରେ ଏହି କଳା କଶ୍ମୀରରେ ବିକଶିତ ହୋଇଥିବା ବିଶ୍ୱାସ କରାଯାଏ। କ୍ରମେ ଏହା ଅହମ୍ମଦାବାଦ୍, ଦୌଲତାବାଦ୍ ଏବଂ ସାଙ୍ଗନେରରେ କୁଟୀର ଶିଳ୍ପ ପାଲଟିଥିଲା। ଆଉ କାଗଜ କଳର ସଂଖ୍ୟା ବୃଦ୍ଧି ସହ ହାତ ତିଆରି କାଗଜ ଶିଳ୍ପର ବିଲୋପ ଘଟିଥିଲା। ହାତ ତିଆରି କାଗଜର ଆଦର କମି ନ ଥିଲେ ସୁଦ୍ଧା ଉତ୍ପାଦନ ଦିଗରେ କେହି ବିଶେଷ ଆଗ୍ରହ ପ୍ରକାଶ କରୁନଥିଲା।

ଜଣେ ବ୍ୟତିକ୍ରମ ହେଉଛନ୍ତି ମୁମ୍ବାଇର ନୀତା ପ୍ରେମଚାନ୍ଦ। ସେ ବର୍ଜ୍ୟ ବସ୍ତୁରୁ ହାତରେ କାଗଜ ପ୍ରସ୍ତୁତ କରି 'ବମ୍ବେ ପେପରି' ନାମକ ବ୍ୟବାସାୟିକ ଅନୁଷ୍ଠାନ ଚଳାଉଛନ୍ତି। ଛିଣ୍ଡା କନା, ଅଖା, ପରିବା ଚୋପା, ନା, ପଚାଶଢ଼ା ଲ-ଲ ଆଦିକୁ ଏକ ବିଶେଷ ପଦ୍ଧତି ଦ୍ୱାରା କାଜରେ ପରିଣତ କରାଯାଉଛି। ପ୍ରକ୍ରିୟା ବ୍ୟୟବହୁଳ ନୁହେଁ। କେବଳ ଯାହା ସମୟ ଲାଗେ। ସବୁଠାରୁ ବଡ଼ କଥା ହେଉଛି, ଜଙ୍ଗଲ ସଫା କରିବାକୁ ପଡେ ନାହିଁ। ନତା ୨୫ ବର୍ଷ ହେଲା ବର୍ଜ୍ୟ ବସ୍ତୁରୁ କାଜ ତିଆରି କରିବା ବିଦ୍ୟା ତାଙ୍କୁ ଜଣା ନଥିଲା ପରିବେଶ ପ୍ରତି ମମତା ତାଙ୍କୁ ସେହି ବିଦ୍ୟା ଶିକ୍ଷା କରିବା ପାଇଁ ଅନୁପ୍ରାଣିତ କରିଥିଲା। ଅବକ୍ଷୟର ଦ୍ୱାରଦେଶରେ ଥିବା ବିଦ୍ୟା ଶିକ୍ଷା କରିବା ନିମନ୍ତେ ସେ ଭେଟିଥିଲେ ଲକ୍ଷ୍ନୌର ନବେ ବର୍ଷ ବୟସ୍କ ମୁନ୍ନାଲାଲ ଖାବରୀଙ୍କୁ। ମୁନ୍ନାଲାଲଙ୍କ ସୌଜନ୍ୟରୁ ତାହା ଜାଣିବାରେ ସେ ପରୀକ୍ଷା ଆରମ୍ଭ କରିଥିଲ। ଖୁବ୍ କମ୍ ସମୟ ମଧ୍ୟରେ ତାଙ୍କୁ ସଫଳତା ମିଳିଥିଲା। ବର୍ଜ୍ୟ ବସ୍ତୁ ଦ୍ୱାରା ହାତରେ କାଗଜ ପ୍ରସ୍ତୁତି ବିଦ୍ୟାର ପ୍ରସାର ପାଇଁ ନୀତା ଉତ୍ସର୍ଗିତ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ଏହି ବିଦ୍ୟା ଯେତେ ଅଧବକ ଲୋକପ୍ରିୟ ହେବ, ସେତିକି ଅଧିକ ବୃକ୍ଷ ବର୍ତ୍ତିଯିବେ। ନୀତାଙ୍କ ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସନୀୟ।

ବାପା ହେଲେ ସ୍ୱାସ୍ଥ୍ୟ ଭଲ ରୁହେ

ଅଭିଭାବକ ହେଲେ ଯେ କେବଳ ଆପଣଙ୍କୁ ଖୁସି ହେବ ତାହା ନୁହେଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏହା ଖୁବ୍ ଭଲ। ଏକ ନୂଆ ଅଧ୍ୟୟନ ମୁତାବକ ଯେଉଁ ଅଭିଭାବକ ମାନଙ୍କର ସନ୍ତାନ ସନ୍ତତି ନାହାନ୍ତି, ସେମାନଙ୍କ ତୁଳନାରେ ସନ୍ତାନଙ୍କ ସହ ରହୁଥିବା ଅଭିଭାବକ ମାନଙ୍କୁ ଥଣ୍ଡା ସର୍ଦ୍ଦି ହେବାର ସମ୍ଭାବନା ୫୨ ପ୍ରତିଶତ କମ୍ ହୋଇଥାଏ, ଯାହା ସେମାନଙ୍କ ମାନସିକ ଦୃଢ଼ତାର କାରଣ ହୋଇଥାଏ। ଆମେରିକାର କାଉନେଗିୟା ମେଲାନ୍ ୟୁନିଭର୍ସିଟିର ଅଧ୍ୟୟନରୁ ଏହା ମଧ୍ୟ ସ୍ପଷ୍ଟ ହୋଇ ଯାଇଛି ଯେ, ଅଭିଭାବକ ମାନଙ୍କର ଯେତେ ଅଧିକ ସନ୍ତାନ ସେମାନଙ୍କର ଯେତେ ଅଧିକ ସନ୍ତାନ ସେମାନଙ୍କର କ୍ଷମତା ସେତେ ଅଧିକ। ୧ ରୁ ୨ଟି ସନ୍ତାନର ଅଭିଭାବକ ମାନଙ୍କ ଠାରେ ଅସୁସ୍ଥ ହେବାର ସମ୍ଭାବନା ୪୮ ପ୍ରତିଶତ, ସେହିଭଳି ତା'ଠାରୁ ଅଧିକ ସନ୍ତାନର ମାତା, ପିତା ମାନଙ୍କ ଠାରେ ଥଣ୍ଡା ସର୍ଦ୍ଦିର ସମ୍ଭାବନା ୧୬ ପ୍ରତିଶତ କମ୍ ଥାଏ। ଅଧ୍ୟୟନରୁ ନେତୃତ୍ୱ ପ୍ରଫେସର ଶେଲଡନ୍ କୋହେନ୍ କରିଥିଲେ। ସାଇକୋସୋମେଟିକ୍ ମେଡ଼ିସିନ୍‌ରେ ପ୍ରକାଶିତ ଏହି ଅଧ୍ୟୟନ ।ଇଁ ପ୍ରସେର କୋହେନ୍ ଏବଂ ତାଙ୍କ ଟିମ୍ ୧୮ ରୁ ୫୫ ବର୍ଷର ୭୯୫ ସୁସ୍ଥ ଅଭିଭାବକଙ୍କ ଉପରେ ଥଣ୍ଡା ସର୍ଦ୍ଦି ଭଳି ସାଧାରଣ ରୋଗକୁ ନେଇ ଅଧ୍ୟୟନ କରିଥିଲେ। ପ୍ରଫେସର କୋହେନ କୁହନ୍ତି ଅଭିଭାବକ ହେବାର ସକରାତ୍ମକ ଏବଂ ନକରାତ୍ମକ ଦୁଇଟିର ପ୍ରଭାବ ରହିଛି। ଗୋଟିଏ ପଟେ ଅଭିଭାବକ ହେବା କାରଣରୁ ଚିନ୍ତା ବଢ଼ିଥାଏ ତ ଅନ୍ୟପଟେ ସାମାଜିକ ସଂପର୍କରେ ବିକାଶ ଏବଂ ଜୀବନ ଜୀଇଁବାର ଏକ ମାଧ୍ୟମ ମଧ୍ୟ ହୋଇଥାଏ।

୬୦ ସେକେଣ୍ଡରେ ଫିଟ୍ ରୁହନ୍ତୁ

ପରିବର୍ତ୍ତନଶୀଳ ଜୀବନଶୈଳୀରେ ନିଜକୁ ଫିଟ୍ ରଖିବା ଜରୁରୀ । ହେଲେ ଛୋଟ ଛୋଟ କଥାକୁ ଆପଣାଇ କିପରି ଫିଟ୍ ରହିହେବ ସେକଥା ଖୁବ୍ କମ୍ ଲୋକ ଜାଣନ୍ତି ।



ଜୋତା ଘର ବାହାରେ ରଖନ୍ତୁ:
ଘର ଭିତରକୁ ଯିବା ସମୟରେ ଜୋତା ବାହାରେ ରଖନ୍ତୁ । ଫଳରେ ଧୂଳି, ମାଟି ଓ କେମିକାଲଜନିତ ସମସ୍ୟାରୁ ରକ୍ଷା ପାଇବେ । ଏହି ଅଭ୍ୟାସ ଦ୍ୱାରା ଘର ସଫାସୁତୁରା ରଖିପାରିବେ ।

ଖାଲି ଜାଗାରେ ଛିଙ୍କନ୍ତୁ ନାହିଁ:
ଛିଙ୍କ ଆସିଲେ ଯଦି ଟିଶୁ କି ନାପ୍‌କିନ୍ ନାହିଁ ତେବେ କାନ୍ଧ ବା କହୁଣୀରେ ନାକ ଢାଙ୍କିଦିଅନ୍ତୁ । ଏହାଦ୍ୱାରା କୀଟାଣୁଜନିତ ସଂକ୍ରମଣ ହେବାର ସମ୍ଭାବନା କମ୍ ଥାଏ ।

ଆଖିକୁ ଆରାମ ଦିଅନ୍ତୁ:
କର୍ମଜୀବୀ ଲୋକ ଓ ଛାତ୍ରଛାତ୍ରୀ ଅଧିକାଂଶ ସମୟ କମ୍ପ୍ୟୁଟର ସାମ୍ନାରେ ବିତାଇଥାନ୍ତି । କମ୍ପ୍ୟୁଟର ସ୍କ୍ରିନ୍‌ର ଲାଇଟ୍ ଆଖି ଉପରେ ପ୍ରଭାବ ପକାଇଥାଏ । ଆଉ ସ୍ପେଶାଲିଷ୍ଟ ଏଥିପାଇଁ ୨୦-୨୦-୨୦ର ନିୟମ କରିଛନ୍ତି । ପ୍ରତି ୨୦ ମିନିଟ୍‌ରେ କମ୍ପ୍ୟୁଟର ସ୍କ୍ରିନ୍‌ରୁ ଦୂରେଇ ରହିବାକୁ ହେଲେ ୨୦ ସେକେଣ୍ଡ୍ ପାଇଁ ୨୦ ଫୁଟ୍ ଦୂରରେ ଥିବା କୌଣସି ବସ୍ତୁକୁ ଦେଖନ୍ତୁ । ଏପରି କରିବା ଦ୍ୱାରା ଆଖିକୁ ଆରାମ ଦେଇପାରିବେ ।

ପାଣି ପିଅନ୍ତୁ:
ବହୁତ ପାଣି ପିଅନ୍ତୁ । କୁହାଯାଏ କି ପ୍ରତିଦିନ ୮ ଗ୍ଲାସ୍ ପାଣି ପିଇବା ଉଚିତ । ଆମ ଶରୀରରେର ୭୦ ପ୍ରତିଶତ ପାଣି ରହିଛି । ପାଚନ, ଅବଶୋଷଣ, ପୋଷକ ତତ୍ତ୍ୱକୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ପହଞ୍ଚାଇବା ଓ ଶରୀରର ତାପମାନ ରକ୍ଷା କରିବା ପାଇଁ ତରଳ ପଦାର୍ଥର ଆବଶ୍ୟକତା ରହିଛି ।

କ୍ରୋଧ ଆସିଲେ ୨୦ ପର୍ଯ୍ୟନ୍ତ ଗଣନ୍ତୁ:
ଯଦି ଅଧିକ ରାଗ ଲାଗୁଛି ତେବେ ୨୦ ପର୍ଯ୍ୟନ୍ତ ଗଣନ୍ତୁ ଓ ଜୋର୍‌ରେ ନିଃଶ୍ୱାସ ନିଅନ୍ତୁ । ଏପରି କରିବା ଦ୍ୱାରା ରାଗ ଶାନ୍ତ ହୋଇଯିବ । ଦୀର୍ଘ ନିଃଶ୍ୱାସ ନର୍ଭସ୍ ସିଷ୍ଟମ ଉପରେ ପ୍ରଭାବ ପକାଇ ଶାନ୍ତ ରଖିଥାଏ ।

ତ୍ୱଚା ପାଇଁ ଫଳର ମାସ୍କ

ବୟସର ଛାପ ପଡ଼ିଲେ ତ୍ୱଚା ରୁକ୍ଷ ହେବା ।ସହ ଭାଙ୍ଗ ପଡ଼ିବା ଆରମ୍ଭ କରେ । ପାର୍ଲରର ଦାମୀ ଫେସିଆଲ୍ ପରିବର୍ତ୍ତେ ଘରୋଇ ଉପାୟରେ ଏହାର ଚର୍ଚ୍ଚା କରନ୍ତୁ । ଦିନକେଇଟାରେ ଆପଣଙ୍କ ତ୍ୱଚାରେ ଏକ ନୂଆ ଚମକ ଅନୁଭବ କରିପାରିବେ ।

ଖରାଦିନେ ବଜାରରେ ଅଙ୍ଗୁରର ପସରା ଦେଖିବାକୁ ମିଳେ । ଅଙ୍ଗୁର ରସ ଦେହ ପାଇଁ ହିତକର ହୋଇଥିବାବେଳେ ତ୍ୱଚାର ଯତ୍ନ ମଧ୍ୟ ଏହା ଦ୍ୱାରା ନେଇହେବ । ବିଶେଷଜ୍ଞଙ୍କ ମତରେ ଉଭୟ ଅଙ୍ଗୁର ଓ ସେଓରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଛି । ୧୦-୧୨ଟି ଅଙ୍ଗୁର ଓ ଫାଳେ ସେଓ ନେଇ ଗ୍ରାଇଣ୍ଡିଂ କରିନେବେ । ପରେ ସେହି ପ୍ୟାକ୍‌କୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇନେବେ । ସପ୍ତାହରେ ୨-୩ଥର ଏଇ ପ୍ୟାକ୍ ଲଗାନ୍ତୁ । ଫରକ୍ ନିଜେ ହିଁ ଜାଣିପାରିବେ । ଆମ୍ବ ଫଳରେ ଭିଟାମିନ୍ସ, ମିନେରାଲ୍ସ, ନ୍ୟୁଟ୍ରିସନ୍ ପର୍ଯ୍ୟାପ୍ତ ପରିମାଣରେ ଥାଏ । ଏହାର ପ୍ୟାକ୍ ମଧ୍ୟ ତ୍ୱଚାର ରଙ୍ଗ ସଫା କରିବା ସହ ସନ୍-ଟ୍ୟାନ୍ ଦୂର କରେ । ଅଧ କପ୍ ଅ । ମ୍ବ ରସରେ ମୁଲତାନି ମାଟି ଓ ବେସନ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ପ୍ୟାକ୍ ଶୁଖିବା ପରେ ତ୍ୱଚାକୁ ଭଲଭାବେ ଧୋଇନିଅନ୍ତୁ । ସପ୍ତାହକୁ ଥରୁଟିଏ ଏଇ ପ୍ୟାକ୍ ଲଗାଇଲେ ଲାଭ ମିଳେ ।

ଆଫ୍ରିକାର ଅରିବି

ଆଫ୍ରିକାର ଦକ୍ଷିଣ ଭାଗରେ ଦେଖାଯାଉଥିବା ଅରିବି ଗୋ ପ୍ରଜାତିର ଜୀବ। ଛୋଟ ହେଲେ ବି ଏହା ଦେଖିବାକୁ ଖୁବ୍ ସୁନ୍ଦର। ବେକ ଏହାର ଲମ୍ବା। ଗୋଡ଼ ଚାରୋଟି ସରୁଆ। ଚିକ୍କଣ ଛାଲର ଉପରଟି ସାମାନ୍ୟ କୁଞ୍ଚୁ-କୁଞ୍ଚୁଆ ହୋଇଥାଏ। ଦୌଡ଼ିଲା ବେଳେ ଲାଞ୍ଜ ପରିଷ୍କାର ବାରି ହୋଇ ପଡେ। କାରଣ ଅରିବିର ଲାଞ୍ଜ ଆଗରେ ମେଞ୍ଚାଏ କଳାଲୋମ ଥାଏ। ମାଈ ଅରିବିଙ୍କର ଶିଙ୍ଗ ନଥାଏ ଓ ଏମାନେ ଅଣ୍ଡିରାଙ୍କ ଠାରୁ ବଡ଼। ଅରିବିଟି ଖୁବ୍ ଚାଲାକ ଜୀବ। ଏହାର ରଙ୍ଗ ଏମିତି ଯେ ଲୁଚିକରି ଶୋଇଥିଲେ ଠାବ କରିବା ସହଜ ନୁହେଁ। ଏହା ଜୋରରେ ଦୌଡିପାରେ। ଅତି ବେଗରେ ଦୌଡି ପାରୁଥିବାରୁ ଅନେକ ସମୟରେ ବେପରିଆ ହୋଇ ଶୋଇଥାଏ। ଯଦି ବାଘ ଆସିଗଲା, ସେ ଏଭଳି କୁଦାମାରି ଦୌଡେ ଯେ ତାକୁ ଧରିବା ସହଜ ନୁହେଁ।

ଭଗବାନ ଅସୀମ, ଅବ୍ୟକ୍ତ ଅନାଦି

ସୃଷ୍ଟିର ସୌନ୍ଦର୍ଯ୍ୟ ଓ ଚୈତିତ୍ର୍ୟ ଭିତରେ ନିଜକୁ ହଜାଇ ଦେଇ ପରମାତ୍ମା ଜୀବାତ୍ମାର ଅବସ୍ଥା ଗ୍ରହଣ କରି ବିସ୍ମୃତି ମଧ୍ୟକୁ ସ୍ୱଇଚ୍ଛାରେ ପ୍ରବେଶ କରନ୍ତି। ପରମାତ୍ମାଙ୍କର ଏହି ସଚେତନ ବିସ୍ମୃତି ହିଁ ମାନବ ସ୍ୱରୂପ। ପ୍ରତ୍ୟେକ ମନୁଷ୍ୟ ହେଉଛନ୍ତି ଏକ ଏକ ଆତ୍ମ ବିସ୍ମୃତ ଭଗବାନ, ଯିଏ ଏ ସୃଷ୍ଟିର ମାଧୁର୍ଯ୍ୟ ଓ ବୈଚିତ୍ର୍ୟ ଭିତରେ ନିଜକୁ ସଂପୂର୍ଣ୍ଣ ରୂପେ ହଜାଇ ଦେଇଛନ୍ତି। ଯେତେବେଳେ ମାନୁଷୀ ଆଧାର ଭିତରେ ଥିବା ଭଗବାନଙ୍କର ସୃଷ୍ଟି ଅନୁଭବର ଇଚ୍ଛାଟି ଶେଷ ହୋଇଥାଏ ସେତେବେଳେ ଜୀବାତ୍ମା ପୁଣପୂରମାତ୍ମା ଭାବକୁ ଫେରି ଆସନ୍ତି ଓ ନିଜ ସ୍ୱରୂପରେ ଅବସ୍ଥାନ କରନ୍ତି। ନିଜ ସ୍ୱରୂରେ ଭଗବାନ ହେଉଛନ୍ତି ଅବ୍ୟକ୍ତ, ଅସୀମ ଅନାଦି।

ହାଡ ମଜବୁତ କରିବା ସହ ଓଜନ କମାଏ ନାସପାତି, ଜାଣନ୍ତୁ ଏହାର ଅନ୍ୟ ଫାଇଦା



ମୌସୁମୀ ଫଳ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ନାସପାତି ମଧ୍ୟ ଏକ ଋତୁକାଳୀନ ଫଳ। ଏହାକୁ ପିୟର୍ସ ମଧ୍ୟ କୁହାଯାଏ। ନାସପାତି ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ। ଏଥିରେ ଭିଟାମିନ୍ ସି, ଭିଟାମିନ୍ ବି-କମ୍ପ୍ଲେକ୍ସ, କେ, ମିନେରାଲ୍ସ, ପୋଟାସିୟମ୍, ଫୋଲେଟ୍, ଫାଇବର, କପର, ମାଙ୍ଗାନିଜ୍ ଏବଂ ମ୍ୟାଗ୍ନେସିୟମ୍ ରହିଛି। ନାସପାତିରେ କ୍ୟାଲୋରୀ ପରିମାଣ ବହୁତ କମ୍, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏଥିରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମ ଶକ୍ତି ବଢ଼ାଇଥାଏ। ନାସପାତିରେ ଆଉ କଣ କଣ ଲାଭ ଅଛି ଆସନ୍ତୁ ଜାଣିବା...

ପ୍ରତିରୋଧକ ଶକ୍ତି ବଢାଏ – ନାସପାତିରେ ଭିଟାମିନ୍ ସି ଏବଂ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ।

ହାଡ ମଜବୁତ କରେ – ନାସପାତି କ୍ୟାଲସିୟମର ଏକ ଉତ୍ତମ ଉତ୍ସ। ହାଡକୁ ଶକ୍ତିଶାଳୀ କରିବାରେ କ୍ୟାଲସିୟମ ସାହାଯ୍ୟ କରେ। ହାଡର ଦୁର୍ବଳତାକୁ ରୋକିବା ପାଇଁ ନାସପାତି ଖାଇବା ଉଚିତ୍।

ଆୟରନ – ନାସପାତିରେ ବହୁ ପରିମାଣରେ ଆଇରନ୍ ରହିଛି। ଯେଉଁମାନଙ୍କର ହେମୋଗ୍ଲୋବିନ ମାତ୍ରା କମ୍ ସେମାନେ ନାସପାତି ଖାଇବା ଉଚିତ୍। ଏହା ରକ୍ତହୀନତାର ଅଭାବ ପୂରଣ କରିବାରେ ସାହାଯ୍ୟ କରିଥାଏ।

ପାଚନ ତନ୍ତ୍ର – ନାସପାତି ଖାଇବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ହୋଇଥାଏ। ଯେଉଁମାନଙ୍କର ପାଚନ ସମସ୍ୟା ରହିଛି ସେମାନେ ନାସପାତି ଖାଇବା ଉଚିତ। ଏହା ହିତକର ହୋଇଥାଏ।

ଥକାପଣ – ଥକ୍କାପଣ, ଶରୀରରେ ଦୁର୍ବଳତା ଅନୁଭବ କରୁଥିବା ବ୍ୟକ୍ତି ନାସପାତି ଖାଇବା ଉଚିତ୍। ନାସପାତିରୁ ମିଳୁଥିବା ପୁଷ୍ଟିକର ଶକ୍ତି ବୃଦ୍ଧିରେ ସହାୟକ ହୁଏ। ଏହା ଚର୍ମକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।

ଓଜନ ହ୍ରାସ – ନାସପାତି ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ନାସପାତିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ରହିଥାଏ। ସେଥିପାଇଁ ନିଜ ଆହାରରେ ନାସପାତି ନିଶ୍ଚୟ ସାମିଲ କରନ୍ତୁ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ହୃଦୟଙ୍ଗମ କରିବା ଉଚିତ...

ଅଳ୍ପ କେତେ ସପ୍ତାହ ପରେ ଦେଶରେ ଲୋକସଭା ନିର୍ବାଚନ ହେବ ବୋଲି ସବୁ ରାଜନୀତିକ ଦଳ ନିଜ ନିଜର ପାଟ ପଟୁଆର ସଜ କରି ସାରିଛନ୍ତି। ତେବେ ଏହାରି ଭିତରେ ହୋଇ ଯାଇଥିବା ଚଣ୍ଡିଗଡ଼ ମେୟର ନିର୍ବାଚନ ଏବଂ ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନ ସମସ୍ତଙ୍କ ପାଇଁ, ବିଶେଷକରି ନବଗଠିତ ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେଉଥିବା କଂଗ୍ରେସ ପାଇଁ ସ୍ପଷ୍ଟ ସଙ୍କେତ ପ୍ରଦାନ କରି ସାରିଛି ଆଗାମୀ ଦିନରେ ଘଟିବାକୁ ଯାଉଥିବା ଘଟଣାଗୁଡ଼ିକ ବାବଦରେ । ହିମାଚଳ ପ୍ରଦେଶର ରାଜ୍ୟସଭା ନିର୍ବାଚନ ନିଶ୍ଚିତ ଭାବରେ ବିଜୟୀ ହେବାକୁ ଥିବା କଂଗ୍ରେସକୁ ଇତ୍ୟବସରରେ ଏକ ବଡ଼ ସଙ୍କେତ ପ୍ରଦାନ କରିଛି । ଅବଶ୍ୟ ଆପାତତଃ ବର୍ତ୍ତମାନ ପାଇଁ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ଘଟଣାକୁ ସମାଧାନ କରିବାକୁ ଉଦ୍ୟମ କରିଛନ୍ତି, ଯାହା ଏହି ରାଜ୍ୟରେ ଏକ ଗଭୀର କ୍ଷତ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଉତ୍ତର ଭାରତରେ ଏହାଦ୍ୱାରା ଶାସିତ ଏକମାତ୍ର ରାଜ୍ୟକୁ ଏହା ହାତରୁ ଖସି ଯିବା ଭଳି ଅବସ୍ଥାକୁ ନେଇ ଆସିଛି। କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ନେତୃତ୍ୱରେ କଂଗ୍ରେସର ଅଗ୍ନିଶମ ବାହିନୀ ବର୍ତ୍ତମାନ ସର୍ବସାଧାରଣରେ ସ୍ୱୀକାର କରିଛନ୍ତି ଯେ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କଠାରେ ରହିଛି ସବୁ ଦୋଷ ଏବଂ ଖୁବ୍ ଶୀଘ୍ର ଛଅ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯିବ ଏଠାକାର ସରକାର ଏବଂ ଦଳର ବ୍ୟବସ୍ଥାପିକା ସଭା ମଧ୍ୟରେ ସବୁ ସମସ୍ୟାର ସମାଧାନ କରି ଆପୋଷ ମିଳାମିଶା କରିବାକୁ । ଏହା କିଛି ନୂଆ ପ୍ରକ୍ରିୟା ନୁହେଁ – ଏଭଳି କଳଟିଏ, ତାହା ସରକାରୀ ଭାବରେ ହେଉ କି ବେସରକାରୀ ଭାବରେ, ଅନେକଗୁଡ଼ିଏ ରାଜ୍ୟରେ ରହିଛି, ଯେଉଁଠି ଦଳ ଏବଂ ସରକାର ମଧ୍ୟରେ ମାନ ମନାନ୍ତର ବା ମତାନ୍ତର ରହିଛି। ଦଳର ନେତୃବୃନ୍ଦଙ୍କୁ ସେତିକି ବେଳେ ଟିକେ ଆଶ୍ୱସ୍ତି ମିଳିଛି, ଯେତେବେଳେ ବିଦ୍ରୋହୀ ନେତା ବିକ୍ରମାଦିତ୍ୟ ସିଂହ, ଯିଏକି ରାଜ୍ୟ କ୍ୟାବିନେଟ୍‌ର ଜଣେ ସଦସ୍ୟ ଭାବରେ ନିଜ ପଦ ପରିତ୍ୟାଗ କରିଥଲେ, ସେ ନରମିବାର ସଙ୍କେତ ଦେବାକୁ ଯାଇ କହିଛନ୍ତି ଯେ ନିଜର ଇସ୍ତଫା ଉପରେ ସେ ଆଉ ଆଗେଇବେ ନାହିଁ। ଏହା ପରେ ରାଜ୍ୟସଭା ନିର୍ବାଚନରେ କ୍ରସ୍-ଭୋଟ୍ କରି ଦଳରୁ ନିଲମ୍ବିତ ହୋଇଥିବା ଛଅ ଜଣ ସଦସ୍ୟଙ୍କ ସହିତ ଅନ୍ତତଃ କିଛି ସମୟ ପାଇଁ ରାଜ୍ୟ ମନ୍ତ୍ରୀମଣ୍ଡଳର ଭାଗ୍ୟ ସୁରକ୍ଷିତ ରହିଛି। ଏସବୁ ଘଟଣାରୁ ଜଣା ପଡୁଛି ଯେ କଂଗ୍ରେସ ହାଇକମାଣ୍ଡ ନିଜ ଦଳର ସଦସ୍ୟମାନଙ୍କର ଅସନ୍ତୋଷକୁ ଦାଣ୍ଡରେ ପଡ଼ି ହାଟରେ ଗଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଏବଂ ତା' ପରେ ହିଁ ସମାଧାନର ପନ୍ଥା ବାହାର କରିବାକୁ ଆଗେଇ ଆସିଲେ, ଯାହା ତୃଣମୂଳ ବାସ୍ତବତା ସହିତ ତାଙ୍କର କ୍ୱଚିତ୍ କିଛି ସମ୍ପର୍କ ରହିଥିବାକୁ ପ୍ରତିଫଳିତ କରୁଛି । ବେଶ୍ କିଛି ସମୟ ହେବ ବିଦ୍ରୋହୀ ନେତାମାନେ ଦଳର ହାଇକମାଣ୍ଡଙ୍କ ନିକଟକୁ ସେମାନଙ୍କର ବାର୍ତ୍ତାମାନ ପଠାଇ ଆସୁଥିଲେ। କିନ୍ତୁ ହାଇକମାଣ୍ଡ କେବଳ ସେମାନଙ୍କୁ ଅଣଦେଖା କରିବାକୁ ପସନ୍ଦ କରି ନଥିଲେ, ବରଂ ସ୍ଥାନୀୟ ନେତୃତ୍ୱ ପ୍ରତି ଏତେ ଅସମ୍ବେଦନଶୀଳ ଥିଲେ ଯେ ରାଜ୍ୟସଭାକୁ ନିର୍ବାଚିତ ହୋଇ ପ୍ରତିନିଧିତ୍ୱ କରିବା ପାଇଁ ସେଠାକୁ ଜଣେ ବାହାର ରାଜ୍ୟର ପ୍ରାର୍ଥୀଙ୍କୁ ପଠାଇଲେ। ବେଶ୍ କିଛି ସମୟ ହେବ କଂଗ୍ରେସ ଏକ ଗଣତାନ୍ତ୍ରିକ ଅନୁଷ୍ଠାନ ଭାବରେ ନିଜର ଖ୍ୟାତିକୁ ବଜାୟ ରଖିବାରେ ବିଫଳ ହୋଇଛି। ଯେଉଁ ଦଳ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିଲା, ତାହା ଥିଲା ଏକ ସଂସ୍ଥା ଯେଉଁଥରେ ତୀବ୍ର ମତଭେଦ ଥିବା ଲୋକମାନେ ମଧ୍ୟ ସାମିଲ ହୋଇ ଗୋଟିଏ ଲକ୍ଷ୍ୟ ହାସଲ କରିବାକୁ ଆଗେଇ ଯାଉଥିଲେ ଏବଂ ସାମୂହିକ ଲକ୍ଷ୍ୟ ପାଇଁ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଥିଲେ। ସ୍ୱାଧୀନୋତ୍ତର ଯୁଗରେ ଏହି ଉତ୍ତରାଧିକାର କିଛି ଦଶନ୍ଧି ପର୍ଯ୍ୟନ୍ତ ବଜାୟ ରହିଥିଲା, କିନ୍ତୁ ଯେବେ ଦଳରେ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ଏକମାତ୍ର କ୍ଷମତା କେନ୍ଦ୍ର ଭାବରେ ଉଭା ହେଲେ, ସେବେଠାରୁ ଦଳରେ ଏହି ପ୍ରଥାର ସବୁଦିନ ପାଇଁ ବିଲୋପ ଘଟିଲା। ଆଉ ଏହା ପରର ଦଶନ୍ଧିଗୁଡ଼ିକରେ କଦାଚିତ୍ ଏହି ଧାରାରେ କିଛି ପରିବର୍ତ୍ତନ ଦେଖା ଦେଲା। ଇତ୍ୟବସରରେ ଭାରତୀୟ ରାଜନୀତିରେ ୧୮୦-ଡିଗ୍ରୀର ଘୂର୍ଣ୍ଣନ ଦେଖା ଦେଲା। ଦେଶର ଉଦାରବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଜନୀତି, ସୁଗୁଣ ଦୁର୍ଗୁଣ ସହିତ, ନିଜକୁ ରୂପାନ୍ତରିତ କଲା, ଅବଶ୍ୟ ଏହିସବୁ ମୂଲ୍ୟବୋଧଗୁଡ଼ିକୁ ଅନେକ ପରିମାଣରେ ପରିହାର କରି । ସାମ୍ପ୍ରତିକ ସମୟରେ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଉପରେ ନିରନ୍ତର ଆକ୍ରମଣ ହୋଇ ସେଗୁଡ଼ିକୁ ଦୁର୍ବଳ କରାଯିବାର କାର୍ଯ୍ୟ ଚାଲୁ ରହିଛି। କଂଗ୍ରେସ ଏକଦା ଯେଉଁ ମାନଦଣ୍ଡଗୁଡ଼ିକ ପାଇଁ ଲୋକମାନଙ୍କ ଆଦର ଲାଭ କରୁଥିଲା, ବର୍ତ୍ତମାନ ସମୟର ଶାସକ ଦଳ ନିକଟରେ ମଧ୍ୟ ସେହିସବୁ ପରମ୍ପରା ନିମନ୍ତେ କୌଣସି ଅଭିରୁଚି ନାହିଁ । ସମୟ ଉପଗତ ହୋଇଛି, କଂଗ୍ରେସ ଦଳ କ୍ଷମତାରେ ରହିବାର ମୂଲ୍ୟ କ'ଣ, ତାହା ଚେତିବା ବିଧେୟ ଏବଂ ଜନାଦେଶର ଏକ ଦାୟିତ୍ୱପୂର୍ଣ୍ଣ ସୁରକ୍ଷାକାରୀ ଭାବରେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ। ଏହାର ରାଜନୀତିକ ବିରୋଧୀମାନେ ଯେଉଁସବୁ ସଙ୍କେତ ପ୍ରଦାନ କରୁଛନ୍ତି, ଏହା ତାକୁ କେବଳ ବୁଝିବାକୁ ସକ୍ଷମ ହେବା ଉଚିତ ନୁହେଁ, ବରଂ ସଙ୍ଗେ ସଙ୍ଗେ ଏକଥା ମଧ୍ୟ ହୃଦୟଙ୍ଗମ କରିବା ଉଚିତ ଯେ ଜଣକର ମନମୁଖୀ ନିଷ୍ପତ୍ତି ଆଉ କାମ କରିବାକୁ ବା ସୁଫଳ ଦେବାକୁ ଯାଉନାହିଁ ।

ବିଧବା ନାରୀର ଦୁଃଖ

ରାମ ଚନ୍ଦ୍ର ପ୍ରଧାନ

ଏବେ ବି ସମାଜେ ବିଧବା ନାରୀଟି
ନାନା ନିର୍ଯାତନା ସହେ
ହିନିମାନୀ ପରି ନିତି ତା' ଆଖିରୁ
ଲୁହର ଉଜାଣି ବହେ ।
ସ୍ୱାମୀଙ୍କୁ ହରାଇ ଦୁନିଆଁ ଦାଣ୍ଡରେ
ବଞ୍ଚେ ସେ ଦୁଃଖିନୀ ପରି
ଧଳା ଶାଢ଼ୀ ପିନ୍ଧି ଫିଙ୍ଗୁଳା ହାତରେ
କାନ୍ଦୁଥାଏ ରାହା ଧରି ।
ଜୀବନଟା ତା'ର ହୋଇଯାଏ ତୁଚ୍ଛ
କଳଙ୍କର ଦାଗ ଲାଗି
ଅମଙ୍ଗଳି ଭାବେ ହୁଏ ସିଏ ଗଣା
କେତେ ଦୁଃଖକଷ୍ଟ ଭୋଗି ।
ସୁହାଗ ସିନ୍ଦୂର ଲିଭି ତା' ମଥାରୁ
ହୋଇଯାଏ କଳଙ୍କିନୀ
ସର୍ବସ୍ୱ ହରାଇ ସମାଜେ ଲାଞ୍ଛିତା
ହୁଏ ସେଇ ଅଭାଗିନୀ
ଦୋଷ ନ ଥାଇ ବି ସଭିଏଁ ଦିଅନ୍ତି
ତାକୁ କେତେ ଅପମାନ
ତା' ଦୁଃଖ କାହାଣୀ କିଏ ଶୁଣେ ନାହିଁ
ଭାଗ୍ୟ ଅଟେ ବି ତା' ହୀନ ।
ନୁହେଁ ସେ ଅଶୁଭ ନୁହେଁ ଅଲକ୍ଷଣୀ
ଦିଅ ତା' ଜୀବନେ ସୁଖ
ହୃଦୟ ଦେଇ କି ପୋଛି ଦିଅ ସର୍ବେ
ବିଧବା ନାରୀର ଦୁଃଖ।

+ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

ନିର୍ବାଚନ ଋତୁରେ ଯୋଜନା ବର୍ଷା

ଶ୍ରୀବତ୍ସ ନାୟକ

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଆଉ ଦିନ କେଇଟା ପରେ ଘୋଷଣା ହେବ ନିର୍ବାଚନ ତାରିଖ । ଏହାକୁ ନେଇ ଚାରିଆଡ଼େ ଚର୍ଚ୍ଚା । ଚା ଖଟିରୁ ବିଧାନସଭା,ଦିଲ୍ଲୀରୁ ପଲ୍ଲୀ,ଘରେ ବାହାରେ ସବୁଆଡେ ନିର୍ବାଚନର ହାୱା ବହିବାକୁ ଲାଗିଲାଣି । ସବୁଠି ଚର୍ଚ୍ଚା ଗୋଟିଏ କଥା କିଏ ମାରିବ ବାଜି? କାହାର ଭାରି ରହିବ ପଲା ? କିଏ ଜିଣିବେ ଭୋଟରଙ୍କ ମନ ? କିଏ ଚିତ୍ ପଟାଙ୍ଗ ମାରିବ? ରାଜନୈତିକ ମହଲରେ ଏହି ନିର୍ବାଚନ ଏକ ଋତୁରେ ପରିଣତ ହେଲାଣି । ଏହାକୁ ନେଇ ନେତାମାନେ ଯେତିକି ତପୁର ନୁହନ୍ତି ତାଠାରୁ ଅଧିକ ତପୁର ଆମର ଭୋଟର ମାନେ । ନେତାମାନଙ୍କ ପାଖରେ ଭୋଟରମାନେ ନିଜ ନିଜର ଦାବି ଉପସ୍ଥାପନା କରୁଛନ୍ତି । ସରକାର ଓ ନେତାମାନେ ଦେବା ପାଇଁ ଯେମିତି ତପୁର ଠିକ୍ ସେମିତି ଭୋଟରମାନେ ନେବା ପାଇଁ ବ୍ୟଗ୍ର । ଭୋଟରମାନଙ୍କ ମନକୁ ଜିଣିବା ପାଇଁ ନେତାମାନେ ଓ ସରକାର ଦିନ ରାତି ଏକ କରି ଲାଗିପଡିଛନ୍ତି । ନିର୍ବାଚନ ଋତୁ ଯେତିକି ପାଖେଇ ଆସୁଛି ଠିକ୍ ସେହି ହାରରେ ଯୋଜନା ବର୍ଷିବାରେ ଲାଗିଛି। ପ୍ରତିଦିନ ସରକାର କିଛି ନା କିଛି ଯୁଗାନ୍ତକାରୀ ଘୋଷଣା କରୁଛନ୍ତି । ଆଗାମୀ ନିର୍ବାଚନ ନିମନ୍ତେ ରାଜ୍ୟସରକାର ଯେଉଁଭଳି ଯୋଜନାର ଉପହାର ବର୍ଷା କରୁଛନ୍ତି ସେଥିରେ ଭୋଟର ମାନେ ଭିଜିବାରେ ଲାଗିଛନ୍ତି । ପରିସ୍ଥିତି ଏମିତି ହୋଇଯାଇଛି ଯେ ଗୋଟିଏ ଘୋଷଣାର ଖୁସି ମନେଇବା ଆଗରୁ ଆଉ ଗୋଟିଏ ଯୋଜନାର ଘୋଷଣା । ଏହାଦ୍ୱାରା ଭୋଟରମାନେ ପୁରା ଖୁସ୍। ଟେଲିଭିଜନ, ଖବରକାଗଜ ଓ ସାମାଜିକ ଗଣମାଧ୍ୟମରୁ ମୁଁହ କାଢୁ ନାହାନ୍ତି ସେମାନେ । ଚାତକ ଭଳି ଚାହିଁ ରହିଛନ୍ତି ନିର୍ବାଚନ ଥାଳିରେ ସରକାର ପୁଣି କଣ ନୂଆ ଖାଇବା ପରଷିବେ।

ଗତ ଏକ ମାସ ଧରି ନିର୍ବାଚନକୁ ଆଖି ଆଗରେ ରଖି ଭୋଟର ମାନଙ୍କୁ ଆକୃଷ୍ଟ କରିବା ଲାଗି ଓଡ଼ିଶା ରାଜ୍ୟ ସରକାର ଘୋଷଣା କରିଛନ୍ତି ଅନେକ ଯୋଜନା । ଅର୍ଥ ଅଭାବରୁ ଅନେକ ପିଲା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ ନୂଆ - ଓ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ଯୋଗାଇ ଦେଇଛନ୍ତି ସରକାର । ଏହି ଯୋଜନା ମାଧ୍ୟମରେ ଛାତ୍ରମାନଙ୍କୁ ୯୦୦୦ ଟଙ୍କା, ଛାତ୍ରୀମାନଙ୍କୁ ୧୦,୦୦୦ ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଏବଂ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅଙ୍କୁ ଅଧିକ ୧୦୦୦ ଟଙ୍କା ବୃତ୍ତି ପ୍ରଦାନ କରିଛନ୍ତି ସରକାର । ଏଥିରେ ଉଚ୍ଚଶିକ୍ଷା ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟ, ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ,ସଂସ୍କୃତ ମହାବିଦ୍ୟାଳୟ, ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ ସାମ୍ବ (ଷ୍ଟୁଡେଣ୍ଟ୍ ଏକାଡେମୀକ୍ ମ୍ୟାନେଜମେଣ୍ଟ ସିଷ୍ଟମ) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଯୋଜନାରେ ଲାଭାନ୍ୱିତ ହେବେ । ଏହି ଛାତ୍ର ବୃତ୍ତି ଯୋଜନାରେ ଚଳିତ ଶିକ୍ଷାବର୍ଷର ଆସନ୍ତା ଫେବୃୟାରୀ ଶେଷ ଆଡ଼କୁ ନୂଆ-ଓ' ଛାତ୍ରବୃତ୍ତି ରାଶି ସିଧାସଳଖ ଭାବେ ଛାତ୍ରଛାତ୍ରୀ ମାନଙ୍କର ବ୍ୟାଙ୍କଖାତାକୁ ପଠାଯିବ । କୋ-କରିକୁଲାର୍ ଆକ୍ଟିଭିଟିରେ ଯେଉଁ ଛାତ୍ରଛାତ୍ରୀ ଅଧିକ ଭଲ ପ୍ରଦର୍ଶନ କରିବେ, ତାଙ୍କ ଛାତ୍ରବୃତ୍ତିର ରାଶି ଅଧିକ ମଧ୍ୟ ହୋଇପାରିବ । ଏଥିପାଇଁ ୩ ଶହ କୋଟି ଟଙ୍କାର କର୍ପସ ଫଣ୍ଡର ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରଙ୍କ ଏହି 'ନୂଆ-ଓ' ଛାତ୍ରବୃତ୍ତି ଯୋଗୁଁ ରାଜ୍ୟର ସାଢ଼େ ୪ ଲକ୍ଷ ସ୍ନାତକ ଛାତ୍ରଛାତ୍ରୀ ଏବଂ ୩୨ ହଜାର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଉପକୃତ ହେବେ । ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ପକ୍ଷରୁ ଏକ ମ୍ୟାଜିକ କାର୍ଡ ଦେବାର ବ୍ୟବସ୍ଥା କରାଯାଇଛି । ଯଦି କୌଣସି ଛାତ୍ରଛାତ୍ରୀ ଶିକ୍ଷା ପାଇଁ କୌଣସି ସ୍ଥାନକୁ ଯାତ୍ରା କରିବେ ଏହି କାର୍ଡରେ ଛାତ୍ରଛାତ୍ରୀଙ୍କୁ ରିହାତି ସୁବିଧା ମିଳିବ। ଖାଲି ଯାତାୟାତ ପାଇଁ ନୁହେଁ ଏହି କାର୍ଡ ଦ୍ୱାରା ବିଭିନ୍ନ ୱାଇଫାଇ ପଏଣ୍ଟରେ ଇଣ୍ଟରନେଟ ସୁବିଧା ମଧ୍ୟ ପାଇପାରିବେ । ଏହି କାର୍ଡରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ଓ ଉପସ୍ଥାନର ପୁରା ତଥ୍ୟ ମଧ୍ୟ ରହିବ । ଏହି କାର୍ଡକୁ ବିଭିନ୍ନ କମ୍ପାନିକୁ ଦିଆଯିବ । ଯାହା ଫଳରେ ଛାତ୍ରଛାତ୍ରୀ କୌଣସି କମ୍ପାନୀକୁ ନିଯୁକ୍ତି ପାଇଁ ଗଲେ ସୁବିଧା ପାଇପାରିବେ। ଅଗଷ୍ଟ ମାସ ସୁଦ୍ଧା ଏହାକୁ ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ଯୁବ ବର୍ଗଙ୍କ ବଳ ବଢ଼ାଇବା ଲାଗି ସରକାର ସ୍ୱୟଂ ଯୋଜନା ମାଧ୍ୟମରେ ଯୁବକ ଯୁବତୀମାନଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ବ୍ୟବସ୍ଥା କରିଛନ୍ତି । ଏତିକିରେ ଅଟକି ଯାଇନି ଉପହାର । ଗର୍ଭବତୀ ମହିଳାମାନଙ୍କ ପାଇଁ ମମତା ଯୋଜନାରେ ସହାୟତା ରାଶିକୁ ଦୁଇଗୁଣ କରିଛନ୍ତି । କଳାକାରଙ୍କୁ ମିଳୁଥିବା ସହାୟତା ରାଶି ୧୨୦୦ ଟଙ୍କାରୁ ବଢି ୨୦୦୦ ଟଙ୍କା ଏବଂ ୮୦ ବୟସରୁ ଊର୍ଦ୍ଧ୍ୱ କଳାକାରଙ୍କ ନିମନ୍ତେ ୨୫୦୦ ଟଙ୍କା, ବୁଣାକାର ସହାୟତା ରାଶି ୫୦୦ଟଙ୍କାରୁ ବଢି ୨୦୦୦ ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୁଣାକାରଙ୍କୁ ୨୫୦୦ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି ସରକାର । ଏତଦବ୍ୟତୀତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା କାଳିଆ ଛାତ୍ରବୃତ୍ତିର ପରିସୀମାକୁ ବ୍ୟାପକ କରିବା ସହ କିଭଳି ଅଧିକ ଛାତ୍ରଛାତ୍ରୀ ଉପଯୋଗୀ ହେବେ ତା ଉପରେ ଧ୍ୟାନ ଦେଇଛନ୍ତି ସରକାର । ଐତିହାସିକ "କାଳିଆ' ଯୋଜନା ପରି "ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି''କୃଷକ ପରିବାରଙ୍କ ସଶକ୍ତିକରଣ ଦିଗରେ ଏକ ଅଭିନବ ପ୍ରୟାସ ଯାହା କାଳିଆ ଛାତ୍ରବୃତ୍ତି ହିତାଧିକାରୀ ପିଲାମାନଙ୍କ ଉତ୍ତମ ଶିକ୍ଷା ପାଇବା ସ୍ୱପ୍ନ ସାକାର କରି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ରୂପାନ୍ତରଣ ଆଣିବ । ଆମ ଓଡ଼ିଶା ନବୀନ ଓଡ଼ିଶା ବ୍ୟାଗ୍ ସାଙ୍ଗକୁ ରାସନ କାର୍ଡ ଧାରୀଙ୍କୁ ୧୦୦୦ ଟଙ୍କା, ନବୀନ କାର୍ଡ,୧୬ଟି ସହରରେ ୮୬ଟି ଜଳାଶ୍ରୟର ପ୍ରାକୃତିକ ଉପାୟରେ ରୂପାନ୍ତରଣ ନିମନ୍ତେ ଆମ ପୋଖରୀ ଯୋଜନା, ମିଶନ ଶକ୍ତି ମହିଳା ମାନଙ୍କୁ ୧୦ ଲକ୍ଷ୍ୟ ପର୍ଯ୍ୟନ୍ତ ବିନା ସୁଧରେ ଋଣ, ୩.୬୪ କୋଟି ଲୋକଙ୍କ ଉପକୃତ ନିମନ୍ତେ ଗାଁରୁ ସହର ଯୋଡିବାପାଇଁ 'ଲକ୍ଷ୍ମୀ ବସ୍' ଯୋଜନା ମାଧ୍ୟମରେ ୧୭୪୫ ଟି ବସ୍ ଯୋଗାଇଦେଇଛନ୍ତି ରାଜ୍ୟ ସରକାର । ଭୋଟର ମାନଙ୍କ ମନ ଜିଣିବା ଲାଗି ଯୁବ, କୃଷକ, ଗରିବ, ବାର୍ଦ୍ଧକ୍ୟ ତଥା ଚାକିରିଆମାନଙ୍କ ପାଇଁ ବିଗତ ଏକ ମାସ ମଧ୍ୟରେ ପାଖାପାଖି ୧୫ଟି ନୂତନ ଯୋଜନା ପ୍ରଣୟନ କରିସାରିଲେଣି ।

ସରକାରୀ ଦଳ ହେଉ କିମ୍ବା ଯେ କୌଣସି ରାଜନୈତିକ ଦଳ ସମସ୍ତେ ଚିନ୍ତା କରନ୍ତି କିଭଳି ଆମେ ଶାସନଗାଦୀ ଆମ ହାତରେ ରଖିବୁ କିନ୍ତୁ ସେମାନଙ୍କର ମନେ ରଖିବା ଉଚିତ୍ ଯେ ଏଠି କୌଣସି ଜିନିଷ ଚିରସ୍ଥାୟୀ ନୁହେଁ । କ୍ଷମତାର ମୋହରେ ବଶବର୍ତ୍ତୀ ହୋଇ ନିର୍ବାଚନର ଖୁବ୍ ନିକଟରୁ ଅନେକ ଗୁଡ଼ିଏ ଯୋଜନା ମାନ ପ୍ରଣୟନ କରି ଶାସନଗାଦୀ କୁ ହତେଇବା ଏବଂ ପରେ ଅନୈତିକ ହେଲେ ମଧ୍ୟ ଚଳିବ କାହିଁକି ନା ଯୁଦ୍ଧ,ପ୍ରେମ ଓ ରାଜନୀତିରେ ସବୁ ସମ୍ଭବ । ଓଡ଼ିଶାରେ ଏବେ ଯୋଜନାର ସରକାର ଚାଲିଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ କାହିଁକି ନା ଏଠି ଯୋଜନା ମାଳକୁ ମାଳ କିନ୍ତୁ ବାସ୍ତବ ଚିତ୍ର ଅତି ବିକଳ। ମାଗଣା ବଣ୍ଟନ ଯୋଜନା, ଯେତେ ଖର୍ଚ୍ଚ ହେଉଛି ହେଉ,ରାଜ୍ୟ ଦେବାଳିଆ ହେଇଯାଉ, ଆମର କ'ଣ ଅଛି,ଆମ ହାତରୁ ପଡୁଛି ନାଁ ପକେଟରୁ ଯାଉଛି । ଏ ମାନସିକତା ଆମ ସବୁ ରାଜନୈତିକ ଦଳର । ଏପରି ମାନସିକତା ଯେ ପର୍ଯ୍ୟନ୍ତ ବଳବତ୍ତର ରହିଛି,ରାଜ୍ୟର ଉନ୍ନତି ହେବା ପ୍ରଶ୍ନ ନାହିଁ,ହଁ ହେବ ନିଜ ପକେଟ୍,ନିଜ ଦଳର !ଏହା ଫଳରେ କିନ୍ତୁ ଦେଶର/ସମାଜର ଯେ ଅଶେଷ କ୍ଷତି ହେଉଛି ସେକଥା ଚିନ୍ତାକରୁଛି କିଏ ? ସରକାର ରାଜ୍ୟବାସୀଙ୍କ ଉନ୍ନତି ନିମନ୍ତେ ଲୋକାଭିମୁଖୀ ଯୋଜନାମାନ ପ୍ରଣୟନ କରୁଛନ୍ତି ।ରାଜକୋଷରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ କିନ୍ତୁ ତୃଣମୂଳ ସ୍ତରରେ ଏହାର କେତେ ସୁଫଳ ମିଳୁଛି ତାହାର ସମୀକ୍ଷା କରିବା ନିହାତି ଜରୁରୀ । ଯୋଜନା ନାମରେ ଅନେକ ଅର୍ଥ ହରିଲୁଟ ହେଉଛି । ପ୍ରକୃତ ହିତାଧିକାରୀ ଏହି ସୁବିଧା ଗୁଡ଼ିକର ଫାଇଦା ପାଉନାହାନ୍ତି । ଉତ୍କଳ ଘଣ୍ଟ ଯଦୁମଣିଙ୍କ ଭାଷାରେ 'ରାଜା ଯାହା ଦେଲେ ହରଷେ ତାହା ପାଉ ପାଉ ଗଲା ବରଷେ' । ଠିକ୍ ସେହି ପରି ଯେଉଁ କେତେଜଣ ହିତାଧିକାରୀ ଉପକୃତ ହେଉଛନ୍ତି ସେମାନେ ଉପଯୁକ୍ତ ସମୟ ସୀମା ମଧ୍ୟରେ ଯୋଜନାର ଲାଭ ଉଠାଇ ପାରୁନାହାନ୍ତି । ସମୁଦ୍ରକୁ ସଂଖେ ଭଳି ଆବଶ୍ୟକତା ଠାରୁ କମ୍ ସେମାନେ ପାଉଛନ୍ତି । ଗାଁର କୁଜିନେତା ସରକାରଙ୍କର ଚାଟୁକାର ହୋଇ ଏହି ଯୋଜନା ହାତେଇବା ପାଇଁ ପ୍ରୟାସ କରୁଛି ନତୁବା ହିତାଧିକାରୀଙ୍କ ଠାରୁ ଯୋଜନା କରେଇଦେବା ପାଇଁ କମିଶନ ଦାବି କରୁଛି । ସଦ୍ୟସଦ୍ୟ ନିର୍ବାଚନକୁ ଆଖିଆଗରେ ରଖି

ପ୍ରାୟ ପ୍ରତିଦିନ ସରକାର ଘୋଷଣା କରୁଛନ୍ତି ନୂଆ ନୂଆ ସ୍କିମ୍ । ଛାତ୍ରଙ୍କଠୁ ଆରମ୍ଭ କରି ମିଶନଶକ୍ତି ମା'ଙ୍କ ଯାଏଁ, ମମତା ଯୋଜନାଠୁ ଆରମ୍ଭ କରି ନୂଆ-ଓ ଛାତ୍ର ବୃତ୍ତି ନିମନ୍ତେ

ବୋଉ

ମୁକ୍ତିରାଣୀ ଦେବତା

ବେଳ ଆସି ଚାରିଟା ଉପରେ ହେଲାଣି । ମାଳତୀ ଦେବୀ ନ ଖାଇ ନ ପିଇ ପ୍ରକାଶର ବାଟକୁ ସେମିତି ଚାତକ ପରି ଚାହିଁ ରହିଛନ୍ତି । ଅପେକ୍ଷା କରିଛନ୍ତି କେତେବେଳେ ଯେ ତାଙ୍କ ଧନସଙ୍ଗାଳି ଫେରିବ । ସକାଳୁ ସକାଳୁ ଛୁଆଟା ଭୋକ ଉପାସରେ ରାଗିକି କୁଆଡ଼େ ବାହାରକୁ ଯାଇଛି ଯେ ଏଯାଏଁ ଫେରିନି । ଆଜି ପ୍ରକାଶର ଅତି ମନପସନ୍ଦର ଆଳୁ ପୋଟଳ ତରକାରୀ ଓ କୋବି ପକୋଡ଼ା ସିଏ କେତେ ଯତ୍ନର ସହ ରାନ୍ଧିବାଢ଼ି ରଖିଛନ୍ତି । ପ୍ରକାଶ ସବୁଦିନ ଘରକୁ ଫେରିବା ପରେ ତା'ର ଝାଳୁଆ ମୁହଁଟିକୁ ମାଳତୀଦେବୀ ସବୁଦିନ ତାଙ୍କର କୋମଳ ପଣତ କାନିରେ ପୋଛିଦେଇ ପାଣି ଗିଲାସଟିଏ ତା' ହାତକୁ ବଢ଼ାଇଦିଅନ୍ତି । ଗୋଟିଏ ମାତ୍ର ପୁଅ ବୋଲି ସେ ତା'କୁ ଏତେ ଗେହ୍ଲାରେ ବଢ଼ାଇଛନ୍ତି ଯେ ସେ ନିଜେ ପାଣି ଗିଲାସଟେ ଆଣି ସୁଦ୍ଧା ପିଏ ନାହିଁ । ସବୁଦିନ ଗାଧୋଇ ସାରି ପ୍ରକାଶ ତା'ର ପୋଷାକପତ୍ର ସବୁକୁ ଫିଙ୍ଗିଦେଇ ଚାଲିଯାଏ । ତା'ର ପୋଷାକପତ୍ର ସବୁକୁ ଭଲଭାବେ ସଫାକରି ଇସ୍ତ୍ରୀ କରି ରଖିବା ଦାୟିତ୍ୱ ମାଳତୀ ଦେବୀଙ୍କର । ତା'ର ଖରାପ ସ୍ୱଭାବ ଯୋଗୁଁ ପ୍ରକାଶକୁ ତାଙ୍କ ସାଇପଡ଼ିଶାରେ କେହି ବି ପସନ୍ଦ କରନ୍ତି ନାହିଁ । ତାହାର କାରଣ ହେଉଛି ସେ ଖୁବ ଅହଂକାରୀ ଓ ଉଦ୍ଧତ ସ୍ୱଭାବର ଅଟେ । କେହି ତା'କୁ ପସନ୍ଦ ନକଲେ ସୁଦ୍ଧା ତା' ବୋଉର କିନ୍ତୁ ସେ ଗେଲବସରିଆ କୁଳନନ୍ଦନ ଅଟେ । ସବୁଦିନ ସେ ଠିକ୍ ସମୟରେ ଘରକୁ ଫେରିଆସେ । କିନ୍ତୁ ଆଜି ଫେରିବାରେ ଏତେ ବିଳମ୍ବ କାହିଁକି ? ମନକୁ ତାଙ୍କର ପାପ ଛୁଇଁଲା । ମାଆ ମନ ଅଥୟ ଓ ବିଚଳିତ ହେବା ସ୍ୱାଭାବିକ । ଯେତେ ଯାହା ହେଲେବି ଦଶମାସ ଦଶଦିନ ସେ ତା'କୁ ଗର୍ଭରେ ଧାରଣ କରି ସମସ୍ତ କଷ୍ଟ ଯନ୍ତ୍ରଣାକୁ ନିର୍ବିକାର ଭାବେ ସହି ଜନ୍ମ ଦେଇଛନ୍ତି । ପ୍ରକାଶର କିନ୍ତୁ ତା' ମାଆଙ୍କ ପ୍ରତି ଟିକେ ହେଲେ ବି ସମ୍ମାନ କିମ୍ବା ଭଲପାଇବା ନଥାଏ । ସ୍ୱଳ୍ପ ଶିକ୍ଷିତା ଏବଂ ଆଜିର ଅତ୍ୟାଧୁନିକ ଯୁଗ ସହ ସେ ଖାପଖୁଆଇ ଚଳିପାରୁନଥିବାରୁ ପ୍ରକାଶ ତା' ବୋଉକୁ ସର୍ବଦା ହୀନ ଦୃଷ୍ଟିରେ ଦେଖେ । ଅନ୍ୟ ମାଆମାନଙ୍କ ସହିତ ତାଙ୍କୁ ତୁଳନା କରି ନୀଚା ଦେଖାଇବାର ଗୋଟିଏ ବି ସୁଯୋଗ ସେ ହାତଛଡ଼ା କରେନି ।

ପ୍ରକାଶକୁ ଅପେକ୍ଷା କରିକରି ସଞ୍ଜ ଗଡ଼ିଗଲାଣି । ଛୁଆଟାର ଏ ଯାଏଁ ବି ଦେଖାଦର୍ଶନ ନାହିଁ । ଠିକ୍ ସେହି ସମୟରେ ହଠାତ୍ ଦାଣ୍ଡ କବାଟରେ କାହାର କରାଘାତ କରିବାର ଶବ୍ଦ ଶୁଭାଗଲା । ବାହାରେ ବହୁତ ଗହଳି ଚହଳିର ଶବ୍ଦ ଶୁଭୁଛି । କ'ଣ ହେଇଛି ? ମାଳତୀ ଦେବୀଙ୍କ ମନରେ ଅସୁମାରୀ ପ୍ରଶ୍ନର ଜୁଆର ଲହରୀ ଭାଙ୍ଗୁଛି । କବାଟ ଖୋଲି ବାହାରକୁ ଆସି ଦେଖନ୍ତି ତ ବାହାରେ ଅନେକ ଲୋକ ଆସି ଭିଡ଼ ଜମାଇଛନ୍ତି । ଆରେ ଇଏ କ'ଣ ? ଏମାନେ ସବୁ ଆସି ତାଙ୍କ ଘର ସାମ୍ନାରେ କାହିଁକି ଭିଡ଼ ଜମେଇଛନ୍ତି ? ଆରେ ଆମ୍ବୁଲାନ୍ସଟା ଆସି ଏଠି ଘର ଦୁଆର ମୁହଁରେ କାହିଁ ରହିଛି ? ଏମିତି ଅନେକ ପ୍ରଶ୍ନମାଳାରେ ସେ ଧନ୍ଦି ହେଉଥିବା ବେଳେ ଆମ୍ବୁଲାନ୍ସ ଭିତରୁ ଷ୍ଟ୍ରେଚରରେ ଶୋଇଥିବା ଗୋଟେ ଶବକୁ କିଛି ଲୋକ ବାହାରକୁ ଆଣିକି ତାଙ୍କ ଅଗଣାରେ ଶୁଆଇଦେଲେ । ଆପାଦମସ୍ତକ ଧଳା ଚାଦରରେ ଆଚ୍ଛାଦିତ ଶବଟିର ସମଗ୍ର ଶରୀର । ଅନେକ ଦେଖଣାହାରୀ ସେଠି ଭିଡ଼ ଜମେଇଥାନ୍ତି । ହଠାତ୍ ବାଡ଼ିପଶା ପବନଟା ବହି ଧଳା ଚାଦରଟିକୁ ଉଡ଼ାଇଦେଲା । ଆରେ ଇଏ କ'ଣ ? ପ୍ରକାଶ କ'ଣ ଏଠି ଶୋଇଛି ? ମାଳତୀଦେବୀଙ୍କୁ ସତେ ଯେମିତି ଆକାଶଟା ଛିଡ଼ିଗଲା ଭଳି ଓ ତାଙ୍କ ପାଦତଳର ମାଟି ଖସିଗଲା ଭଳି ପ୍ରତୀତ ହେଲା । କାନ୍ଦିକାନ୍ଦି ସେ ପାଗିଳୀ ପରି ମାଟିରେ ଧରାଶାୟୀ ହୋଇଗଲେ । ଠିକ୍ ଏହି ସମୟରେ ପୋଲିସ୍ ଜିପରୁ ଖାକି ପୋଷାକଧାରୀ ବାବୁମାନେ ଧଡ଼ଧାଡ଼ ହୋଇ ବାହାରି ଆସିଲେ । ଇନିସପେକ୍ଟର ବାବୁ ଆସି ମାଳତୀ ଦେବୀଙ୍କୁ କହିଲେ, 'ତୁମ ପୁଅ ଅତ୍ୟଧିକ ନିଶାସକ୍ତ ହୋଇ ଦ୍ରୁତ ବେଗରେ ଗାଡ଼ି ଚଲାଉଥିବାରୁ ଆଜି ଏମିତି ଦଶା ତା'କୁ ଭୋଗିବାକୁ ପଡ଼ିଲା । ସରକାର ସଡ଼କ ସୁରକ୍ଷା ପାଇଁ ଏତେ ନିୟମ କାନୁନ ପ୍ରଣୟନ କରୁଛନ୍ତି ଅଥଚ ଆଜିର ବିପଥଗାମୀ ଯୁବପିଢ଼ିମାନେ ସେସବୁକୁ ଖାମଖିଆଲି ଭାବେ ନେଇ ହସରେ ଉଡ଼ାଇଦେଉଛନ୍ତି । ହେଲମେଟ ପିନ୍ଧିବା ତ ବହୁତ ଦୂରର କଥା ରାସ୍ତାର ବାମପାର୍ଶ୍ୱରେ ଯିବାକୁ ମଧ୍ୟ ଏମାନଙ୍କୁ ଖୁବ ବାଧୁଛି । ଯଦି ଆଜି ସେ ହେଲମେଟ ପିନ୍ଧି ସାବଧାନର ସହ ଗାଡ଼ିଚଲାଉଥାନ୍ତା ତାହେଲେ ଏମିତି ଅଘଟଣ କେବେବି ଘଟିନଥାନ୍ତା । ପୋଲିସ୍ ବାବୁଙ୍କ କଥା ସବୁ ମାଳତୀ ଦେବୀଙ୍କ କାନରେ କିଛି ବି ପଶୁନଥିଲା । ସତେ ଯେପରି ସେହିକ୍ଷଣି ସେ ବଧିର ପାଲଟିଯାଇଥିଲେ । ଏବେ ତାଙ୍କ ଏକୋଇର ବଳା ବିଶିକେଶନ ଆଉ ଏ ଇହଧାମରେ ନଥିଲା । ତାଙ୍କୁ ଛାଡ଼ି କେଉଁ ଏକ ଅଜଣା ରାଇଜକୁ ଲେଉଟିଯାଇଥିଲା । ପୁଅର ଶବଟିକୁ ବିକଳରେ କୁଣ୍ଢାଇ ଧରି ସେ ସେ ବୁକୁଫଟାଇ ଅହରହ କାନ୍ଦି ଚାଲିଲେ । ଏ ଦୃଶ୍ୟ ଖୁବ ହୃଦୟବିଦାରକ ଓ ମର୍ମସ୍ପର୍ଶୀ ଥିଲା । ଯିଏ ବି ଏହାକୁ ଦେଖୁଥିଲା ସେ ମୁହୂର୍ତ୍ତଟେ ବି ଧୈର୍ଯ୍ୟ ଧରି ରହିପାରୁନଥିଲା ।

ଗାଁର ମହିଳାମାନେ କହିଚାଲିଥିଲେ 'ଆହା ବିଚାରୀ ବୁଢ଼ୀଟିର ଏବେ କ'ଣ ହେବ ? ତା'ର ତ ବଂଶ ବୁଡ଼ିଗଲା । କେଉଁ ଜନ୍ମରେ କି ପାପ କରିଥିଲା କେଜାଣି ଖୁବ କମ ବୟସରେ ସେ ବିଧବା ହୋଇଗଲା । ସ୍ୱାମୀ ଚାଲିଗଲା ପରେ ଏଇ ପୁଅଟି ହିଁ ଥିଲା ତା'ର ଅନ୍ଧର ଲଉଡ଼ି । ତାଙ୍କ ବଂଶର ଏକମାତ୍ର ସନ୍ତକ । କାହାର ଖରାପ ନଜର ପଡ଼ିଲା କେଜାଣେ ? ଆଉ ଅର୍ଦ୍ଧେକ କହୁଥିଲେ ହଁ ମ ସେ ଟୋକାଟା ଯେମିତି କର୍ମ କରିଥିଲା ସେମିତି ତା' ଫଳ ପାଇଲା । ତା'ର ସାମନ୍ୟତମ ଗୁରୁଗୁରୁଜନ ଜ୍ଞାନ ନଥିଲା । ଏତେ ଅହଂକାର ଗୋଟେ କ'ଣ ? ଏମିତିକି ନିଜ ଜନ୍ମକଲା ମାଆକୁ ବି ରାଗରେ କେତେଥର ସେ ବାଡ଼େଇଛି । ସିଏ ଦଣ୍ଡ ପାଇବନି ତ ଆଉ କିଏ ପାଇବ ? ଭଗବାନ ସବୁ ସହନ୍ତି ହେଲେ କାହାର ଗର୍ବ ଅହଂକାର ସହନ୍ତିନି । ଯେଉଁ ପୁଅ ସାରା ଜୀବନ ଘରେ ବେକାର ହୋଇ ବସିରହି ମାଆ ଉପରେ ବୋଝ ହୋଇଥିଲା, କଥା କଥାକେ ମାଆକୁ ମାଡ଼ଗାଳି ଦେଉଥିଲା ଦଇବ ତା'କୁ ଠିକ୍ ଦଣ୍ଡ ଦେଇଛି । ନିଜ ଜନ୍ମଦାତ୍ରୀ ମାଆ ସିନା ତା'ର ସମସ୍ତ ଦୋଷ ଦୁର୍ବଳତାକୁ

ଘଣ୍ଟ ଘୋଡ଼ାଇ ରଖିବ ହେଲେ ଭଗବାନ ସବୁ ଦେଖୁଛନ୍ତି, ସିଏ କର୍ମ ଅନୁଯାୟୀ ଠିକ ନିର୍ଦ୍ଧାରିତ ଫଳ ଦେବେ ।'

ଏସବୁ ଶୁଣି ହଠାତ୍ ମାଳତୀ ଦେବୀଙ୍କ ଛାତିରେ ଖୁବ ପୀଡ଼ା ଅନୁଭବ ହେଲା ଏବଂ ସେଇଠି ସେଇ ମୁହୂର୍ତ୍ତରେ ହିଁ ଗୋଟିଏ ଶବ ସହିତ ସେ ନିଜେ ଶବ ପାଲଟିଗଲେ । ଗ୍ରାମବାସୀମାନେ ଉଭୟ ମାଆ ଓ ପୁଅଙ୍କର ସମସ୍ତ ଅନ୍ତିମ ସଂସ୍କାର ସମାପନ କରି ଯେଝାଯେଝା ଘରକୁ ଲେଉଟିଆସିଲେ । ବାସ୍ତବିକ ମାଳତୀଦେବୀଙ୍କର ସମ୍ପୂର୍ଣ୍ଣ ଜୀବନଟି ଖୁବ ଦୁଃଖମୟ ଥିଲା । ମାଆ ହିସାବରେ ସେ ତାଙ୍କ କର୍ତ୍ତବ୍ୟରେ କେବେବି ସାମାନ୍ୟତମ ଅବହେଳା କରିନଥିଲେ । ହଁ ଭୁଲ ତାଙ୍କର ବାସ୍ ଏତିକି ଥିଲା ଯେ ସେ ନିଜ ପୁଅକୁ ଠିକ ଭାବରେ ଗଢ଼ିପାରିନଥିଲେ । ଉପଯୁକ୍ତ ସଂସ୍କାର ଅଭାବରୁ ପିଲାଟି ପଥଭ୍ରଷ୍ଟ ହୋଇଯାଇଥିଲା । ଯାହାର ଫଳାଫଳ ଉଭୟ ମାଆ ଓ ପୁଅଙ୍କୁ ଭୋଗ କରିବାକୁ ପଡ଼ିଲା । ସେଥିପାଇଁ ତ କୁହାଯାଏ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ବ୍ୟତିରେକ ଜୀବନଟି ନିତାନ୍ତ ନିରର୍ଥକ ଅଟେ ।

+ ମନ୍ଦାରଖଣ୍ଡ, ଯାଜପୁର

ଷ୍ଟାଣ୍ଡାର୍ଡ

ଶିବାଶିଷ ପାଢ଼ୀ

ଏକ ବଡ଼ ରାଷ୍ଟ୍ରାୟତ କମ୍ପାନୀରେ ଚାକିରୀ । ମୋଟା ଦରମା । ଦେଖିବାକୁ ସିନେମାର ନାୟକ ଭଳିଆ ଚେହେରା । ଗାଁରେ ଯେମିତି ରାଉରକେଲାରେ ବି ଠିକ ସେମିତି ଘରଦ୍ୱାର । ବାସ ଆଉ କଣ ଦରକାର ?

ବାପା କହିଥିଲେ ପୁରା ଆମ ଷ୍ଟାଣ୍ଡାର୍ଡର । ସାଙ୍ଗେସାଙ୍ଗ ପସନ୍ଦ କରିଥିଲେ ସେ ଆଉ ବି ପସନ୍ଦ କରିଥିଲେ ଅନ୍ୟମାନେ ।

ବାହାଘର ହୋଇ ଯାଇଥିଲା ।

ବାପା ଠିକ ହିଁ କହିଥିଲେ । ଷ୍ଟାଣ୍ଡାର୍ଡ ସମାନ ତ ନଥିଲା ବରଂ ଘର ଷ୍ଟାଣ୍ଡାର୍ଡଠୁଁ କିଛି ଉପରେ ହିଁ ଥିଲା ଏଠିକାର ଷ୍ଟାଣ୍ଡାର୍ଡ । ହେଲେ ସେ କେବଳ ଟଙ୍କାପଇସାରେ । ବାକୀ କୌଣସିଥିରେ ସେ ଷ୍ଟାଣ୍ଡାର୍ଡକୁ ଦେଖି ପାରୁ ନଥିଲା ଲିପି ।

ନିଜର ସମ୍ଭ୍ରାନ୍ତ ବଂଶ ପରିଚୟ ଏବଂ ପୋଲିସ ଇନ୍ସପେକ୍ଟର ଚାକିରୀର ସ୍ତରକୁ ନେଇ ବାପା ଯେଉଁ କଥାକଥିତ ଷ୍ଟାଣ୍ଡାର୍ଡର ଏକ ରୂପକଳ୍ପ ଗଢ଼ିଥିଲେ ଏବଂ ଲିପି ତଥା ଲିପୁନକୁ ଛୋଟବେଳୁ ସେ ଷ୍ଟାଣ୍ଡାର୍ଡର ଅନୁରୂପ ଗଢିବାକୁ ସେ ଚେଷ୍ଟା କରିଥିଲେ ସେଥିରେ ଯାହା ଯାହା ସୀମା ବାହାରେ ରହୁଥିଲା ଏଇଠି ଠିକ ତାର ବିପରୀତ ଥିଲା ।

ବାପା ଏମିତି ଛୋଟମୋଟ ଲୋକଙ୍କ ସହ ମିଶୁ ନଥିଲେ ଜମା କି କାହାରିକୁ ମିଶିବାକୁ ଦେଉ ନଥିଲେ ।

ନିଜ ଷ୍ଟାଣ୍ଡାର୍ଡ ଅନୁରୂପ କିଛି ଲୋକଙ୍କ ସହ ମିଶୁଥିଲେ ସେମାନେ । ସ୍କୁଲରେ ବି ସମାନ ଅବସ୍ଥା ଥିଲା । ନୁଆଁ ସାଙ୍ଗ ତିଆରି କରିବା ଆଗରୁ କି କାହାକୁ ଘରକୁ ଡାକିବା ଆଗରୁ ତାର ଷ୍ଟାଣ୍ଡାର୍ଡକୁ ଦେଖିବାକୁ ପଡୁଥିଲା ।

କିନ୍ତୁ ଏଇଠି ଏମିତି ନଥିଲା । କାମବାଲି ସାବିତ୍ରୀ ମାଉସୀଙ୍କ ସହ ଏମିତି ଗପୁଥିଲେ ଶାଶୁ ଯେ ଦେଖିବ ସେ କହିବ ଦୁଇ ଭଉଣୀ କଥା ହେଉଛନ୍ତି ।

ବଗିଚାର ଯତ୍ନ ନେଉଥିବା ଚାକର ଟୋକା ସୁଧୀର ସହ କାନ୍ଧକୁ କାନ୍ଧ ମିଳାଇ କାମ କରୁଥିଲେ ସୁବ୍ରତ । କେବେ କୁଆଡେ ଗଲେ ଡ୍ରାଇଭରକୁ ନିଜ ସହ ବସାଇ ଖୁଆଉଥିଲେ ।

ଖାପଛଡ଼ା ଲାଗୁଥିଲା ତାକୁ ହେଲେ ଘରେ କହିଥିଲେ ।

ଗାଁରୁ ଆସି ଏଇଠି ରହୁଛନ୍ତି ନାଁ ? ଜୀବନ ଜିଇଁବା ଜାଣି ନାହାନ୍ତି । ଏବେ ତ ତୁ ଗଲୁଣି । ଜାଣି ଯିବେ ଯେ ।

ଚେଷ୍ଟା କରୁଥିଲା ଲିପି । ଶଶୁର ତ ନଥିଲେ । ସୁବ୍ରତ ଛୋଟ ଥିବାବେଳୁ ହିଁ ସେ ଚାଲି ଯାଇଥିଲେ ଆରପାରିକୁ । ଶାଶୁ ଥିଲେ । ଆଉ ତାଙ୍କରି ପ୍ରଭାବରେ ବେଶ ପ୍ରଭାବିତ ଥିଲା ସୁବ୍ରତଙ୍କ ଜୀବନ ।

ଗାଡିଘୋଡା, ଟଙ୍କା ପଇସା, ଗହଣାଗାଣ୍ଠି, ଆଧୁନିକ ସୁଖର ସବୁ ଉପାଦାନ ମହଜୁଦ ଥିଲେ ବି ଯେମିତି ମା ପୁଅ ସମ୍ପୂର୍ଣ ଅଲଗା ଦୁନିଆଁର ଲାଗୁଥିଲେ ଲିପିକୁ ।

ଧୀରେଧୀରେ ନିଜକୁ ଏ ପରିବେଶରେ ନିଜକୁ ସାମିଲ କରି ସାରିଥିଲା ସେ । କୋଳକୁ ବଣ୍ଟି ଆସି ସାରିଥିଲା । ବିତି ସାରିଥିଲା ଆଠ ବର୍ଷ । ହେଲେ ବରଂ ସେ ବଦଳି ଯାଉଥିଲା ଗୋଟିଏ ପ୍ରକାର କହିଲେ ଜୀବନ ଲିପିକୁ ବଦଳାଇ ଚାଲିଥିଲା ହେଲେ ବଦଳୁ ନଥିଲେ ସୁବ୍ରତ ।

ଲିପିକୁ ଥରେଥରେ କଷ୍ଟ ହେଉଥିଲା । ଆଉ ବେଶି କଷ୍ଟ ହେଉଥିଲା ଯେତେବେଳେ ଅଫିସର ବୟସ୍କ ପିଅନ ମହେଶବାବୁ ଘରକୁ ଆସୁଥିଲେ ସେତେବେଳେ ତାଙ୍କ ଗୋଡ଼ ଛୁଇଁ ଆଶୀର୍ବାଦ ନେବାପାଇଁ ବଣ୍ଟିକୁ ବାଧ୍ୟ କରୁଥିଲେ ସୁବ୍ରତ । ଆଉ ଗାଁକୁ ଗଲେ ତ କଥା ଅଲଗା ଥିଲା । ଗାଁ ମୁଣ୍ଡରୁ ନମସ୍କାର କରି କରି ଯାଉଥିଲେ ସୁବ୍ରତ ! ଆଉ ସେମାନଂକୁ ବି ବାଧ୍ୟ କରୁଥିଲେ ।

ଅନେକ ଥର ପ୍ରତିବାଦ ବି କରୁଥିଲା ସେ । ଲାଗୁଥିଲା କେବଳ ଟଙ୍କା ଆସିଗଲେ ଷ୍ଟାଣ୍ଡାର୍ଡ ଆସେନାହିଁ ଷ୍ଟାଣ୍ଡାର୍ଡ ତ ଜନ୍ମରୁ ଆସେ ହେଲେ ସୁବ୍ରତଙ୍କ ଏଇ ବ୍ୟବହାର ଥରେ ଥରେ ଲାଭ ବି ଦେଉଥିଲା ।

ମାସକୁ ଥରେ ଯେମିତି ହେଲେ ଗାଁକୁ ଯାଉଥିଲେ ସେମାନେ । ସେତେବେଳେ ଯେଉଁ ଦିନେ ଦୁଇଦିନ ରହୁଥିଲେ ସେତେବେଳେ ଲାଗୁଥିଲା ଯେମିତି ପୁରୁଣା ରାଜପରମ୍ପରା ଫେରି ଆସିଛି । ସାରା ଗାଁରୁ ବିଭିନ୍ନ ଉପହାର ମିଳୁଥିଲା । କିଏ ଲାଉ ଆଣିଦେଉଥିଲା ତ କିଏ କ୍ଷୀର । କିଏ ଶାଗ ମୁଠାଏ ତ ଆଉ କିଏ ସୋରିଷ କି ହଳଦୀ ।

ସେ ଦିନେ ଦୁଇଦିନ ପ୍ରାୟ ଆଖପାଖ ଖୁଡୀ, ମାଉସୀ ଘରେ ଖାଉଥିଲେ ସେମାନେ ! ଲିପିକୁ ଲାଗୁଥିଲା ଯେମିତି ସେ କେଉଁ ରାଜାଘର ବୋହୂ । ମନେ ପଡୁଥିଲା ବାପାଙ୍କ ସହ ନିଜ ଗାଁକୁ ଯିବା ସମୟର କଥା । ଜମିଜମା କଥା ବୁଝିବା ସହ ଭାଗ ଧାନ ଚାଉଳ ଆଣିବାକୁ ବର୍ଷକୁ ଥରେ ଅଧେ ଯାଉଥିଲେ ସେମାନେ କିନ୍ତୁ ସେଇ କିଛି ଦିନରେ କେହି ପ୍ରାୟତଃ ଆସୁ ନଥିଲେ ।

ବାପା କହୁଥିଲେ ଆମ ଷ୍ଟାଣ୍ଡାର୍ଡକୁ ଇର୍ଷା କରୁଛନ୍ତି ଏମାନେ ।

ଲିପିର ଛୋଟ ମସ୍ତିଷ୍କକୁ ସେତେବେଳେ ସେକଥା ସତ ବି ଲାଗୁଥିଲା । ଏଇଠି କିନ୍ତୁ ସେ ଏବେ ବୁଝୁଥିଲା କିଛିକିଛି !

ଖୁସି ବି ଲାଗୁଥିଲା ତାକୁ ।

ସେମିତି ହିଁ ଖୁସି ଲାଗୁଥିଲା ସେଦିନ ।

ଗାଁରୁ ରାଉରକେଲାକୁ ଫେରୁଥିଲେ ସେମାନେ । ପ୍ରାୟ ଶହେ କିଲୋମିଟର ବାଟ । ବାଟରେ ପଡେ ଏକ ଛୋଟ ଜଙ୍ଗଲ ରାସ୍ତା । ଗାଁରୁ ପ୍ରାୟ କୋଡିଏ ପଚିଶ କିଲୋମିଟର ଆସିଥିଲେ ସେମାନେ । ବଣ୍ଟି ଶୋଇ ପଡିଥିଲା କୋଳରେ ।

ରାସ୍ତା କାମ ଚାଲିଥିଲା ବୋଧେ । ତଥାପି ରାସ୍ତାରେ ଚାଲିଥିଲା କୋଇଲା ଟ୍ରକସବୁ । ପ୍ରବଳ ଧୂଳି ଏବଂ ଧୂଆଁରେ ସମ୍ପୂର୍ଣ ଆଚ୍ଛାଦିତ ଥିଲା ପରିବେଶ । ସାମ୍ନାରାସ୍ତା ମାତ୍ର କିଛି ମିଟର ଯାଏଁ ହିଁ ଦେଖା ଯାଉଥିଲା ।

ଧୀରେଧୀରେ ଗାଡି ଚଳାଉଥିଲେ ସୁବ୍ରତ । ଗାଡିର ଏସି ଚାଲୁଥିଲା । ଆଖି ବୁଜି ହୋଇଯାଉଥିଲା ଲିପିର ।

ହଠାତ ଗାଡି ରଖିଦେଲେ ସୁବ୍ରତ । ଆଖି ଖୋଲିବା ବେଳକୁ ଗାଡ଼ିରୁ ଓଲ୍ହାଇ ସାରିଥିଲେ ସୁବ୍ରତ । ଲିପି ଦେଖିଥିଲା ଧୂଳି ମଝିରେ ରାସ୍ତାକଡ଼କୁ ଛିଡା ହୋଇଥିଲା ଟ୍ରାକ୍ଟରଟିଏ ଆଉ ସେଇ ଟ୍ରାକ୍ଟର ପାଖକୁଲାଗି ଛିଡା ହୋଇଥିଲେ ଦୁଇ ଜଣ ଧୂଳି ଧୂସରିତ ମଣିଷ । ତାଙ୍କ ସହ କଣ କଣ କଥା ହେଉଥିଲେ ସୁବ୍ରତ ।

ହଠାତ ଗାଡି ପାଖକୁ ଫେରିଥିଲେ ସେ । ଦୁଆର ଖୋଲି ବଣ୍ଟିକୁ କୋଳକୁ ନେଉ ନେଉ କହିଥିଲେ ।

ଲିପି ଦଶ ମିନିଟ ଲାଗିବ । ଆସ ଆମେ ଟିକେ ସେ ଗଛ ଛାଇରେ ଛିଡା ହୋଇଥିବା । ଟ୍ରାକ୍ଟରର ତେଲ ସରିଯାଇଛି ତ । ଯାଇକି ଆଣି ଆସିବେ ।

ବିରକ୍ତ ଲାଗୁଥିଲା ଲିପିକୁ କିନ୍ତୁ ସୁବ୍ରତଙ୍କ ଠିକ ପଛପଟେ ଛିଡା ହୋଇଥିଲେ ସେ ଦୁଇଜଣ ଅପରିଚିତ ଲୋକ । ଏ ପରିସ୍ଥିତିରେ କିଛି କହିବାକୁ ଚାହିଁ ନଥିଲା ସେ ! ରାସ୍ତା କଡ଼ରେ ବି ଧୂଳି ହିଁ ଥିଲା । ଅବଶ୍ୟ ଟିକେ କମ ଥିଲା କିନ୍ତୁ ଅଣନିଶ୍ୱାସୀ ଲାଗୁଥିଲା ଲିପିକୁ ।

ସୁବ୍ରତ ବି ଠିକ ଜାଣୁଥିଲେ ଲିପିର ମନୋଦଶାକୁ ଏଣୁ ଲିପି କିଛି କହିବା ଆଗରୁ ସେ ହିଁ କହୁଥିଲେ -

ମୋର ସାଙ୍ଗଟା । ମୋ ସହ ପଢୁଥିଲା । ଜାଣିଛ ତାଙ୍କ ବାଡ଼ିରେ ଯେଉଁ ବାରକୋଳି ଗଛ ଅଛି ନାଁ ସେଇଟା ଖୁବ ମିଠା । ସେ ସବୁଦିନ ମୋ ପାଇଁ ନେଇକି ଆସୁଥିଲା । ଆଉ ତାର ଜେଜେମା ଯେଉଁ କୋଳି ଆଚାର କରୁଥିଲେ ନାଁ । କହନି, ମୁଁ ଆଉ ସେମିତି ଆଚାର ଖାଇ ନାହିଁ କେଉଁଠି ।

ଲିପିକୁ ସେସବୁ ଶୁଣିବାର ଜମା ଇଚ୍ଛା ନଥିଲା କିନ୍ତୁ ଜାଣିଥିଲା ଏବେ କିଛି କହିବାର ମୂଲ୍ୟ ହିଁ ନାହିଁ ତେଣୁ ଚୁପ ରହିଥିଲା ସେ ।

ଠିକ ପନ୍ଦର ମିନିଟରେ ଆସି ଯାଇଥିଲେ ସେମାନେ । ସୁବ୍ରତକୁ ତ ଯାହା କହିଥିଲେ ସେକଥା ଶୁଣି ନଥିଲା ଲିପି କିନ୍ତୁ ଲିପି ପାଖକୁ ଆସି କହିଥିଲେ -

ଭାଉଜ ଏ ସର୍ଟକର୍ଟ ରାସ୍ତାରେ ଏ ଟ୍ରକସବୁ ଛଡ଼ା ଅନ୍ୟ ଗାଡି ଆସନ୍ତି ନାହିଁ ଆଉ ଏମାନେ ସବୁ ବିହାରୀ ବଙ୍ଗାଳି ଡ୍ରାଇଭର ଆମକୁ ସାହାଯ୍ୟ କରନ୍ତିନାହିଁ । ଏଇଠି ଫୋନ ଭି ଲାଗେ ନାହିଁ । ଆଜି ଆପଣ ସାହାଯ୍ୟ କଲେ ବୋଲି ।

କୃତଜ୍ଞତାରେ କୃତକୃତ୍ୟ ହୋଇ ଯାଉଥିଲେ ସେମାନେ ।ସେମାନଙ୍କ ସେ ଅବସ୍ଥା ଦେଖି ସେ ପନ୍ଦର ମିନିଟର କଷ୍ଟକୁ ଯେମିତି ଭୁଲି ଯାଇଥିଲା ଲିପି ।ସୁବ୍ରତଙ୍କ ଉପରେ କିଛି ସମୟ ଆଗର ରାଗ ରୂପାନ୍ତରିତ ହୋଇ ଯାଉଥିଲା ।

ଗାଡି ଚଳାଉଥିଲେ ସୁବ୍ରତ । ଲିପି କହିଥିଲା ଥରେ ଥରେ ରାଗ ଲାଗେ ସିନା ହେଲେ ଏମିତି ସାହାଯ୍ୟ ଅନେକ ଖୁସି ବି ଦିଏ ନାଁ ? ହେଲେ ତୁମ ଷ୍ଟାଣ୍ଡାର୍ଡର ଆଉ କେହି ହୋଇଥିଲେ ଆଜି ଅଟକି ନଥାନ୍ତା ଜମା ।

ହସିଦେଲେ ସୁବ୍ରତ । କହିଥିଲେ ମୁଁ ତ ଭାବେ ଏଇଟା ହିଁ ଅସଲି ଷ୍ଟାଣ୍ଡାର୍ଡ । ଏସବୁ ଥାଇ ଯଦି କାହାର କାମରେ ଆସି ନ ପାରୁଛି ତେବେ ଥାଇ ନଥାଇ ଲାଭ କଣ ?

ଉତ୍ତର ଚାହୁଁ ନଥିଲେ ସୁବ୍ରତ କି ଉତ୍ତର ଦେଇ ନଥିଲା ଲିପି ବରଂ ଆଜି ଷ୍ଟାଣ୍ଡାର୍ଡ ଶବ୍ଦର ଏକ ନୂତନ ପରିଭାଷା ଶିଖୁଥିଲା ସେ ।

ଭଲ ରାସ୍ତା ଆସି ଯାଇଥିଲା । ଗାଡି ଦୌଡୁଥିଲା କିନ୍ତୁ କେଉଁ ଏକ ଅଜଣା ଖୁସିରେ ବିଭୋର ହୋଇ ଯାଉଥିଲା ଲିପି !

+ହେମଗିର, ସୁନ୍ଦରଗଡ଼
ମୋ: ୯୭୭୮୧୭୪୯୭୮

ସୋଲାର୍ ଷ୍ଟ୍ରିଟ୍ ଲାଇଟ୍ କିଣାରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବାଟମାରଣା ଅଭିଯୋଗ

ମାଲକାନଗିରି, ୦୩/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଆଇ ଟିଡି ଏ ସଂସ୍ଥା ପକ୍ଷରୁ ଜିଲ୍ଲାର ୭ ଟି ବ୍ଲକର ବିଭିନ୍ନ ସ୍ଥାନରେ ୬ ୭ ଟି ଏସ ପି ଭି ଲାଇଟ ସ୍ଥାପନ ନିମନ୍ତେ ଗତ ୨୭, ୩, ୨ ୩ ରେ ନିଷ୍ପତି ହୋଇଥିଲା । ପ୍ରତ୍ୟେକ ଲାଇଟ୍ ପିଛା ୧,୫୦,୦୦୦/- ଟଙ୍କା ଧାର୍ଯ୍ୟ କରାଯାଇଥିଲା । ବିନା ଟେଣ୍ଡରେ ଏବଂ କୋଟେସନ ରେ ତତ୍କାଳୀନ ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝି ୧୦.୦୪.୨୦୨୩ ତାରିଖରେ ସମସ୍ତ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଡିପାର୍ଟମେଂଟାଲ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ କାମ ୨ ମାସ ମଧ୍ୟରେ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ୨୦.୦୪.୨୦୨୩ ତାରିଖରେ କମ୍ପାରଟିଭ ଷ୍ଟେଟମେଂଟ ତିଆରି କରି ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ସମସ୍ତ ଲାଇଟ୍ ଲଗେଇବା ପାଇଁ ଅନୁମୋଦନ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ, ୨୦.୪.୨୦୨୩ ତାରିଖରେ ଅନୁମୋଦନ କରି ୧୦.୪.୨୦୨୩ ଅର୍ଥାତ୍ ୧୦ ଦିନ ପୂର୍ବରୁ କାମ କରିବା ପାଇଁ କିପରି ନିର୍ଦ୍ଦେଶ ଦିଆଯାଇଥିଲା ? ବିନା ଟେଂଡରରେ ୧ କୋଟି ୫ ଲକ୍ଷ ଟଙ୍କାର ଏସ ପି ଭି ମୋଡ୍ୟୁଲଲାଇଟ କିପରି ଭାବରେ ଡିପାର୍ଟମେଂଟାଲ କରାଗଲା ? କାହା ସ୍ୱାର୍ଥରେ ସମସ୍ତ ଆଇନକୁ ଜଳାଜଳି କରି କାମ କରାଗଲା ? ପୁନଶ୍ଚ, ଓଡିଶା ରାଜ୍ୟ ସରକାରଙ୍କର ଅନୁମୋଦିତ ସଂସ୍ଥା ଓ.ଏସ୍.ଆଇ.ସିକ କୁ କାର୍ଯ୍ୟାଦେଶ ନ ଦେଇ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟାଦେଶ ଦେବା ପଛରେ କଣ ରହସ୍ୟ ରହିଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଗତ ୦୭.୧୦.୨୦ ୨୩ ତାରିଖରେ ଶ୍ରୀମତି ରୂପା ରୋଶନ ଆଇ.ଏ.ଏସ୍, କମିଶନର, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପତ୍ର ସଂଖ୍ୟା ୨୦୮୧ ୮ ମାଧ୍ୟମରେ ନିର୍ଦ୍ଦେଶ ଦେଇଥଲେ ଯେ, ଡିପାର୍ଟମେଂଟ କାମରେ ସହକାରୀ ଯନ୍ତ୍ରୀ ବା କନିଷ୍ଠ ଯନ୍ତ୍ରୀମାନଙ୍କୁ ଟଙ୍କା ନ ଦେଇ ବରଂ ହିତାଧିକାରୀଙ୍କୁ ପ୍ରତ୍ୟେକ୍ଷ ଭାବରେ ପ୍ରାପ୍ୟ ପ୍ରଦାନ କରାଯିବ । କିନ୍ତୁ, ଉକ୍ତ ନିର୍ଦ୍ଦେଶନାମାକୁ ଉଲଙ୍ଘନ କରି କିପରି କନିଷ୍ଠ ଯନ୍ତ୍ରୀଙ୍କ ଆକାଉଂଟ ମାଧ୍ୟମରେ ପାଣ୍ଠି ପ୍ରଦାନ କଲେ। ଏସ ପି ଭି ଲାଇଟ ର ବଜାର ଦର ୭୦,୦୦୦ ହଜାରରୁ ୮୦,୦୦୦ ଟଙ୍କା ମଧ୍ୟରେ ହୋଇଥିବା ବେଳେ, କେଉଁ ଉଦ୍ଦେଶ୍ୟ ଏବଂ କାହା ସ୍ୱାର୍ଥରେ ପ୍ରତ୍ୟେକ ଲାଇଟ୍ ୧,୫୦,୦୦୦ ଟଙ୍କାରେ କ୍ରୟ କରାଗଲା ? ଏହି ମହାଦୁର୍ନୀତିରେ ପୂର୍ବତ ନ ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝି, ଶ୍ରୀମତି ଜୟଶ୍ରୀ, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ , କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ସେଠ, ଆଶିଷ ପାତ୍ର ଏବଂ ମୁଖ୍ୟ କିରାଣୀ ତ୍ରିନାଥ ପ୍ରସାଦ ବେଗୁରାଇ ସଂଯୁକ୍ତ ଅଛନ୍ତି । ତେଣୁ ଏହାର ସଠିକ୍ ତଦନ୍ତ କରାଗରେ ଦୁର୍ନୀତିର ସତ୍ୟାସତ୍ୟ ପ୍ରକାଶ ପାଇବ । ମାଲକାନଗିରିର ଆଇ ଟି ଡି ଏ ସଂସ୍ଥାରେ ସୂଚନା ଅଧିକାର ଆଇନ ଜରିଆରେ କୌଣସି ଇନଫରମେସନ୍ ମାଗିଲେ ତାହା ମଧ୍ୟ ଏମାନେ ନଦେଇ ଭୂକ୍ଷେପହୀନ ଭାବରେ ବସିରହୁଥିବା ଓଡିଶା ହାଇକୋର୍ଟର ଆଇନଜୀବୀ ଏସ. କେ. ମିଶ୍ର ଅଭିଯୋଗ କରିଛନ୍ତି।

କେନ୍ଦୁଝରରେ ୩ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

କେନ୍ଦୁଝର , ୦୩/୩ (ନି.ପ୍ର): ଶନିବାର ଦିନ ଏକ ହତ୍ୟା ମାମଲାର ବିଚାର କରି କେନ୍ଦୁଝର ଏଡିଜେ କୋର୍ଟ ର ମାନ୍ୟବର ବିଚାରପତି ପାଟଣା ଥାନା ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମର ୨୫ ବର୍ଷୀୟ ଶିବ ମୁଣ୍ଡା ସହ ୨୦ ବର୍ଷୀୟ ରଥ ମୁଣ୍ଡା ଓ ୨୦ ବର୍ଷୀୟ ସଜଂୟ ଓରଫ ଟିମା ମୁଣ୍ଡା କୁ ଆଇପିସି ଦଫା ୩୦୨ / ୩୪ ରେ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୫ ମାସ ସଶ୍ରମ କାରାଦଣ୍ଡ , ଏବଂ ଦଫା ୩୦୭ ରେ ଦଶ ବର୍ଷ ସଶ୍ରମ କାରଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରଦଣ୍ଡ ଆଦେଶ ଦେଇଛନ୍ତି । ବିବରଣୀରୁ ପ୍ରକାଶ ଯେ ୨୦୨୧ ମସିହା ଜାନୁୟାରୀ ୧ ତାରିଖ ସଂଧ୍ୟା ୫ଟା ୩୦ ମିନିଟ ସମୟରେ ମୃତକ ଏରେଣ୍ଡେଇ ଗ୍ରାମର ହେମନ୍ତ ମହାନ୍ତ ରାଜାକାହାଳୀ ସାହି ହାଟକୁ ଯାଇଥିବା ସମୟରେ ସଂପୃକ୍ତ ଆସାମୀମାନେ ମିଳିତ ଭାବେ ତାଙ୍କୁ ମରାଣନ୍ତକ ଆକ୍ରମଣ କରିଥିଲେ । ଏବଂ ହେମନ୍ତ କୁ ମୃତକ ପ୍ରାୟ ଅଚେତ ଅବସ୍ଥାରେ ସେଠାରେ ପକାଇ ଦେଇ ଚାଲିଯାଇଥିଲେ । ହେମନ୍ତକୁ ଆକ୍ରମଣ ସମୟରେ ସେଠାରେ ଉପସ୍ଥିତ ଥିବା ଶାନ୍ତିଲତା ମୁଣ୍ଡା ଛଡାଇବାକୁ ଉଦ୍ୟମ କରିବାରୁ ଆକ୍ରମଣକାରୀ ମାନେ ତାକୁ ମଧ୍ୟ ମାରି ଦେବାକୁ ଉଦ୍ୟମ କରି କ୍ଷତାକ୍ତ କରିଥିଲେ । ଏବଂ ଆକ୍ରମଣକାରୀମାନେ ମୃତକ ହେମନ୍ତ ମହାନ୍ତ ପାଖରେ ଥିବା ୪ ହଜାର ଟଙ୍କା ନେଇ ଯାଇଥିବା ବେଳେ ଏବଂ ତାଙ୍କର ମୋବାଇ ମଧ୍ୟ ନେଇ ସେଠାରୁ ଫେରାର ହୋଇଯାଇଥିଲେ । ଆକ୍ରମଣକାରୀଙ୍କ ମରଣାନ୍ତ ଆକ୍ରମଣରେ ଶୀକାର ହୋଇଥିବା ଦୁଇଜଣଙ୍କୁ ମେଡିକାଲ ରେ ଭର୍ତି କରାଯାଇଥିଲେ ମଧ୍ୟ ଡାକ୍ତର ହେମନ୍ତଙ୍କୁ ମୃତ ଘୋଷଣା କରିଥିଲେ । ଉକ୍ତ ଘଟଣାକୁ ନେଇ ହେମନ୍ତଙ୍କ ଭାଇ ହରିଶ୍ଚନ୍ଦ୍ର ମହାନ୍ତ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପାଟଣା ଥାନାର ପୋଲିସ ସେହି ଅଭିଯୋଗ କୁ ଭିତିକରି ତଦନ୍ତ କରିବା ସହ ଆସାମୀ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏବଂ ଶନିବାର ଦିନ କେନ୍ଦୁଝର ଏଡିଜେ ମମିତା ଦାସ ୧୯ ଜଣ ସାକ୍ଷୀ ଙ୍କ ବୟାନକୁ ଭିତି କରି ଏହି ୩ ଜଣ ଆସାମୀଙ୍କୁ ଆପିସି ର ୩୦୨/ ୩୦୭/ ୩୪ ରେ ଦୋଷୀ ପାଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜୋରିମାନା ଆଦେଶ ଦେଇଛନ୍ତି ।

ଲୋଇସିଂହା ବ୍ଲକ ପରିସର ମିଶନ ଶକ୍ତି କାଫେରେ ଝୁଲୁଛି ତାଲା

ବଲାଙ୍ଗୀର, ୦୩/୩ (ନି.ପ୍ର): ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବହୁ ପ୍ରତିକ୍ଷିତ ଲୋଇସିଂହା ବ୍ଲକ ପରିସର ସ୍ଥିତ ମିଶନ ଶକ୍ତି କାଫେ ଗତକାଲି ଆଡମ୍ବର ସହକାରେ ଉଦ୍‌ଘାଟିତ ହୋଇଥିଲା। ମିଶନ ଶକ୍ତି ତଥା ଶିଶୁ ବିକାଶ ପ୍ରକଳ୍ପରେ ନିୟୋଜିତ ମହିଳା ଗୋଷ୍ଠୀ ତଥା ସ୍ଥାନୀୟ ପଂଚାୟତ ସମିତିକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି କାଫେ ପରିକଳ୍ପନା କରାଯାଇଛି। ଏହି କାଫେରେ ଚା', ଜଳଖିଆ ସାଙ୍ଗକୁ ଫାଷ୍ଟଫୁଡ ତଥା ମଧ୍ୟାହ୍ନ ଭୋଜନ ଉପଲବ୍ଧ ହେବ। ତେବେ ଏହି କାଫେ ଉଦ୍‌ଘାଟନ ହେବାର ପରଦିନ ଏଥିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଯେଉଁ ବୃହତର ସ୍ୱାର୍ଥ ନେଇ କାଫେ ଉଦ୍‌ଘାଟନ କରାଗଲା, ତାହା ସୁଦୂର ପରାହତ ହୋଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସ୍ଥାନୀୟ ମହିଳା କର୍ମଚାରୀଙ୍କ କହିବା ମୁତାବକ ଆସନ୍ତା ମାର୍ଚ୍ଚ ୬ ତାରିଖ ବୁଧବାରଠାରୁ ଆନୁଷ୍ଠାନିକ ଭାବେ ଏହି କାଫେ କାର୍ଯ୍ୟକାରୀ ହେବ। ତେବେ ବ୍ଲକ ପ୍ରଶାସନର ଚାପ ଯୋଗୁଁ ତରବରିଆ ଭାବେ ଗତକାଲି ଏହାକୁ ଉଦ୍‌ଘାଟନ କରାଯାଇଥିବା ଜଣାଯାଇଛି । ଏନେଇ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସୂଚନା ଦିଆଯାଇ ନଥିଲା। କାଫେ ଚଳାଇବା ପାଇଁ କର୍ମଚାରୀ ମାନସିକ ଭାବେ ପ୍ରସ୍ତୁତ ନଥିବାବେଳେ କାହା ସ୍ୱାର୍ଥରେ ଅତି ତରବରିଆ ଭାବେ ଏହାକୁ ଉଦ୍‌ଘାଟନ କରାଗଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଜି ସ୍ଥାନୀୟ ତହସିଲ ତଥା ବ୍ଲକର କିଛି କର୍ମଚାରୀ ଏଠାକୁ ଆସି ନିରାଶରେ ଫେରି ଯାଉଥିବା ଦେଖିବାକୁ ମିଳିଥିଲା। ଲୋଇସିଂହା ବ୍ଲକ ମିଶନ ଶକ୍ତି ସଂଯୋଜିକା ସ୍ୱର୍ଣ୍ଣପ୍ରଭା ନାଗ ତଥା ସିଡ଼ିପିଓ ଗାୟତ୍ରୀ ବାରିକ ଶନିବାର ନିଜ କାର୍ଯ୍ୟାଳୟରେ ନଥିବାରୁ ଉଭୟଙ୍କ ପ୍ରତିକ୍ରିୟା ମିଳିପାରି ନଥିଲା।

ପୁନର୍ବାସ ପକ୍ଷରୁ ଆନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ ପାଳିତ

କେନ୍ଦ୍ରାପଡ଼ା, ୦୩/୩ (ନି.ପ୍ର): ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖକୁ ଆନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ ରୂପେ ପାଳନ କରାଯାଇଥାଏ । ହ୍ୱିଲ୍‌ଚେୟାରୁ କିପରି ଜଣେ ଚଳନ ଶକ୍ତି ବାଧିତକୁ ଗତିଶୀଳତା ଓ ଆତ୍ମସମ୍ମାନର ସହ ବଂଚିବା ସହିତ ନିଜର ସାମର୍ଥ୍ୟକୁ ପ୍ରତିପାଦିତ କରିବାରେ ସହାୟକ ହୋଇଥାଏ । ଏହି ଦିବସର ବିଶେଷ ତାତ୍ପର୍ଯ୍ୟକୁ ପରିପ୍ରସାର କରାଇବା ପାଇଁ ଭିନ୍ନକ୍ଷମଙ୍କ ସାମାଜିକ ଅନ୍ତର୍ଭୁକ୍ତି ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ପକ୍ଷରୁ ଆନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ ପାଳନ କରାଯାଇଛି । ସକାଳେ ପୁନର୍ବାସ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ(ସାମାଜିକ ସୁରକ୍ଷା) ସହାୟତାରେ କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମ କରି ଏକ ହ୍ୱିଲ୍‌ଚେୟାର ବାସ୍କେଟ ବଲ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ପାଖାପାଖି ୨୦ରୁ ଉର୍ଦ୍ଧ୍ୱ ପାରା କ୍ରୀଡାବିତ୍ ଯୋଗ ଦେଇ ସେମାନଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଭାରତୀୟ ମହିଳା ପାରା ବାସ୍କେଟ୍ ବଲ୍ ଦଳର ଅଧିନାୟିକା ସୁଚିତ୍ରା ପରିଡା ଖେଳରେ ସାମିଲ ହୋଇ ପାରା କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡଃ ବିରଜା ରାଉତରାୟ ଓ ସ୍ୱପ୍ନାଂଶୁ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପାରା କ୍ରୀଡାବିତ୍‌ଙ୍କ ମନୋବଳ ବୃଦ୍ଧି କରିଥିଲେ । ସେହିପରି ଅପରାହ୍ନରେ ପୁନର୍ବାସର ଥେରାପି କେନ୍ଦ୍ର ପରିସରରେ ଏହି ଦିବସ ପାଳନ କରାଯାଇଥିଲା । ଏଥିରେ ବରିଷ୍ଠ ଚିକିତ୍ସକ ଡଃ ବିଶ୍ୱପ୍ରକାଶ କାନୁନଗୋ, ଡାକ୍ତର ସ୍ନେହଲତା କାନୁନଗୋ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ହ୍ୱିଲ୍‌ଚେୟାର ଦିବସର ଗୁରୁତ୍ୱକୁ ଆଲୋକପାତ କରିଥିଲେ । ଏହି ଅବସରରେ ପୁନର୍ବାସ ପକ୍ଷରୁ ଚଳନ୍ତି ଶକ୍ତି ବାଧିତ କ୍ଷୁଦ୍ର ଉଦ୍ୟୋଗୀ ଅଜୟ କୁମାର ସୁବୁଦ୍ଧିଙ୍କୁ ୧୨ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଚେକ୍ ଆକାରରେ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସେହିପରି ଜାଗୁଳାଇପଡାର ଚଳନ୍ତି ଶକ୍ତି ବାଧିତ ହରିହର ମୁଦୁଲୁଙ୍କୁ ଏକ ହ୍ୱିଲ୍‌ଚେୟାର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର କାଉନସିଲର ସଞ୍ଜୀବ କୁମାର ଜେନା, ମନୋଜ କୁମାର ବିଶ୍ୱାଳ ଓ ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଦସ୍ୟ ବଂଶୀଧର ମହାନ୍ତି, ମହମ୍ମଦ ଜାହିଦ୍ ଖାନ୍, ମନୋଜ କୁମାର ମହାନ୍ତି, ଅମ୍ରିନ୍ ସହାଦତ୍, ଶେଷଦେବ ପ୍ରସାଦ ଦାସ, କ୍ଷୀରୋଦ ଜ୍ୟୋତିରଞ୍ଜନ ନାୟକ, ବ୍ରଜସୁନ୍ଦର ଦାସ, ସମରେନ୍ଦ୍ର ଚୌଧୁରୀ, ଶ୍ରୀଧର ଭୋଳ ଏବଂ ଜୟଦେବ ସିଂହ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ବୋନ କ୍ୟାନ୍‌ସର ପୀଡ଼ିତ ଦୀପକକୁ ସାହାଯ୍ୟର ହାତ ବଢେଇଲା ସାଇକ୍ରିଷ୍ଟା ସହାୟତା ଫାଉଣ୍ଡେସନ

ଘଟଗାଁ, ୦୩/୩ (ନି.ପ୍ର): ଜଣେ ବୋନ କ୍ୟାନ୍‌ସର ପୀଡ଼ିତ ଦୀପକ କୁ କେନ୍ଦୁଝର ଜିଲାର ସାଇକ୍ରିଷ୍ଟା ସହାୟତା ଫାଉଣ୍ଡେସନ ସାହାଯ୍ୟ ର ହାତ ବଢେଇଥିବା ଜଣାପଡିଛି ଓ ସୁଚନାରୁ ପ୍ରକାଶକ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ଧାରି ପାୟତ ରଗଡ଼ି ଗ୍ରାମର ରାଜେନ୍ଦ୍ର ରାଉତ ଙ୍କ ୩ ବର୍ଷର ଶିଶୁପୁତ୍ର ଦୀପକ ଭାରତ ବୋନ କ୍ୟାନ୍‌ସରରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରାୟ ୬ ମାସ ତଳେ ଦୀପକଙ୍କୁ ଜ୍ୱର ଲାଗି ରହିବାରୁ ରାଜେନ୍ଦ୍ର ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ୧ ମାସ ରହିବା ପରେ ସାମାନ୍ୟ ଭଲ ହେବାରୁ ଘରକୁ ନେଇ ଆସିଥିଲେ। ହେଲେ ୫ରୁ ୧୦ ଦିନ ପରେ ପୁଣିଥରେ ଜ୍ୱର ହେବାରୁ ତାଙ୍କୁ ପରିବାର ଲୋକେ କଟକ ନେଇଥିଲେ। ସେଠାରେ ୨ ମାସ ରହିବା ପରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରି ଡାକ୍ତର ଶିଶୁଟିକୁ ବୋନ୍ କ୍ୟାନ୍‌ସର ହୋଇଛି ବୋଲି ଜଣାପଡ଼ିଥିଲା। ଏହାପରେ ଦୀପକଙ୍କୁ ଏମ୍‌ସ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୨ ମାସ ହେବ ଦୀପକ ଚିକିତ୍ସିତ ହୋଇ ଆସୁଥିଲେ ହେଁ ଏବେ ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ଅପରେଶନ ପାଇଁ ୧ ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଛନ୍ତି । ରାଜେନ୍ଦ୍ର ଜଣେ ରାଜ ମିସ୍ତ୍ରି । ଯାହା ଅର୍ଥ ଥିଲା ପୁଅ ଚିକିତ୍ସାରେ ଶେଷ ହୋଇସାରିଛି। ଏ ଏତେ ଟଙ୍କା ଯୋଗାଡ଼ କରିବା ତା' ପାଇଁ ସମ୍ଭବ ନୁହେଁ ସରକାରୀ ସହାୟତ ମିଳିଲେ ପୁଅ ଭଲ ହୋଇପାର ବୋଲି ଦୀପକଙ୍କ ମା'' କନକ ରାଉ କୋହ ଭରା କଣ୍ଠରେ କହିଛି । ଅନ୍ୟପକ୍ଷରେ କୌଣସି ସ୍ୱେଚ୍ଛାସେବୀ ସଂଗଠନ କିମ୍ବା ସହୃଦୟ ବ୍ୟ ସହଯୋଗର ହାତ ବଢ଼ାଇଲେ ଦୀପକ ସୁସ୍ଥ ହୋଇପାରନ୍ତେ ବୋଲି ଖବକାଗଜମାନଙ୍କରେ ପ୍ରକାଶ ପାଇଥିଲା । ଏହି ଖବର ସାମାଜିକ ଗଣମାଧ୍ୟମରେ ପ୍ରକାଶ ପରେ ସାହାଯ୍ୟର ହାତ ବଢ଼େଇଛି ସାଇକ୍ରୀଷ୍ଟା ସହାୟତା ଫାଉଣ୍ଡେସନ । ସାଇକ୍ରୀଷ୍ଟା ସହାୟତା ଫାଉଣ୍ଡେସନର ମୁଖ୍ୟ ଗୋପବନ୍ଧୁ ଦାସ ଜାଣିବାପରେ ବୋନ କ୍ୟାନ୍ସରରେ ପୀଡିତ ଥିବା ନିଷ୍ପପ ଶିଶୁର ଚିକିତ୍ସା ନିମନ୍ତେ ସାହାଯ୍ୟ ର ହାତ ବଢ଼େଇଲା ସାଇକ୍ରୀଷ୍ଟା ସହାୟତା ଫାଉଣ୍ଡେସନ । ପରିବାରର ସଦସ୍ୟ ମାନେ ନିଜସ୍ୱ ପାଣ୍ଠି ରୁ କିଛି କିଛି ଏକତ୍ରିତ କରି ଆଜି ମେଡିକାଲରେ ଶିଶୁକୁ ଦେଖା କରି ତାଙ୍କ ବାପାଙ୍କୁ ସହାୟତା ପ୍ରଦାନ କରିଛନ୍ତି । ସଂଗଠନ ତରଫରୁ ସକ୍ରିୟ ସଦସ୍ୟ ଶେଷଦେବ ଦାସ ନିଜେ ମେଡିକାଲ ଯାଇ ଶିଶୁର ସ୍ୱାସ୍ଥ୍ୟବସ୍ଥାପଚାରି ବୁଝିବା ସହିତ ତାଙ୍କ ବାପାଙ୍କୁ ସହାୟତା ପ୍ରଦାନ କରିଥିଲେ। ସଙ୍ଗଠନ ତରଫରୁ ଶେଷଦେବ ବାବୁଙ୍କୁ ବହୁତ୍ ବହୁତ୍ ଧନ୍ୟବାଦ୍ ଜଣାଇଛନ୍ତି । ଆପଣ ମାନେ ଏମିତି ମହାନତା ସହଯୋଗର ହାତ ବଢେଇଲେ ଅନେକ ସମସ୍ୟା ର ସମାଧାନ ହେଇପାରିବ ବୋଲି ଶେଷଦେବ ପ୍ରକାଶ କରିଛନ୍ତି ।

ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ରାଷ୍ଟ୍ରପତିଙ୍କ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୦୩/୩ (ନି.ପ୍ର): ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ଶେଷ ଦିନ। ଆଜି ମହାମହିମ ସମ୍ବଲପୁର ଜିଲ୍ଲା ରେଢାଖୋଲ ଗସ୍ତ କରିଛନ୍ତି । ଆଜି ସକାଳ ୧୦ଟାରେ ଝାରସୁଗୁଡା ବିମାନ ବନ୍ଦରରେ ପହଂଚିବା ପରେ ସେଠାରୁ ବାୟୁସେନାର ହେଲିକପ୍ଟର ଯୋଗେ ଯାଇ ୧୧ଟା ୪୫ ମିନିଟରେ ରେଢ଼ାଖୋଲ କଦଳୀଗଡ ହାଇସ୍କୁଲ ପଡ଼ିଆରେ ଓହ୍ଲାଇଥିଲେ। ସେଠାରୁ ଦିନ ୧୨ଟା ୧୦ମିନିଟରେ ସିଧାସଳଖ ମଧୁପୁର ସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ଆବିର୍ଭାବ ପୀଠକୁ ଯାଇଥିଲେ। ସେଠାରେ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ। ଏହାସହ ଭୀମ ଭୋଇଙ୍କ ଆଶ୍ରମ ମଧ୍ୟ ପରିଦର୍ଶନ କରି ସେଠାରୁ ୧୨ ଟା ୪୫ରେ କନ୍ଧରାସ୍ଥିତ ସନ୍ଥକବିଙ୍କ ଜ୍ଞାନପ୍ରାପ୍ତି ପୀଠ ଓ ବାଲ୍ୟକାଳ କାଟିଥିବା ସ୍ଥାନ କାଙ୍କଡପଡା ପରିଦର୍ଶନ କରିଥିଲେ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ। ଏହାପରେ ପୁଣି ରେଢ଼ାଖୋଲରେ ଥିବା କୁକୁଡ଼ାବାହାଲିରେ ଥିବା ଭୀମ ଭୋଇଙ୍କ ଆଶ୍ରମକୁ ଯାଇ ସେଠାରୁ ରେଢାଖୋଲ ମିନି ଷ୍ଟାଡିୟମରେ ମହିମା ସଂପ୍ରଦାୟର ଅନୁଗାମୀକୁ ଭେଟିବା ସହ ଏଠାରେ ସମବେତ ମହିମା ଭକ୍ତ ଓ ସାଧାରଣ ଜତନାଙ୍କୁ ଉଦବୋଧନ ଦେଇଥିଲେ। ସେପଟେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଜିଲା ପୋଲିସ ପକ୍ଷର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ରେଢାଖୋଲ ଓ କଦଳୀଗଡ଼ାରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଅପରାହ୍ନ ୫ଟା ୧୫ରେ ଝାରସୁଗୁଡ଼ା ବିମାନ ବନ୍ଦରରୁ ଦିଲ୍ଲୀ ଫେରି ଯାଇଛନ୍ତି ମହାମହିମ।

ସୂଚନାଯୋଗ୍ୟ, ଗତକାଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତନ ଉତ୍ସବରେ ସାମିଲ ହୋଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଅବସରର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବା ସହ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ପଦକ ପ୍ରଦାନ କରିଥିଲେ। ଅପରାହ୍ନରେ କଟକରେ ବ୍ରହ୍ମକୁମାରୀ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସା

ବିଭିନ୍ନ ଜନଦାବିରେ ସିଭିଲ୍ ସୋସାଇଟିର ଜିଲ୍ଲା ବୈଠକରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି

ବାଲେଶ୍ୱର, ୦୩/୩ (ନି.ପ୍ର): ସମସ୍ତ ଜନସମସ୍ୟାକୁ ନେଇ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ପାଇଁ ସିଭିଲ୍ ସୋସାଇଟିର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମନୋଜ ନାୟକ, ସୋସାଇଟିର ଗତ ବାର୍ଷିକ ସମ୍ମିଳନୀରେ ଗୃହୀତ ବିଭିନ୍ନ ପ୍ରସ୍ତାବ ବୈଠକରେ ଉପସ୍ଥାପିତ କରିଥିଲେ । କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ଆଗାମୀ ଗ୍ରୀଷ୍ମଦିନ ପୂର୍ବରୁ ଯୁଦ୍ଧକାଳୀନଭିତ୍ତିରେ ପାନୀୟଜଳ ଓ ବିଦ୍ୟୁତ୍ ସଂକଟର ସମାଧାନ, ରେଳଷ୍ଟେସନର ଆଧୁନିକୀକରଣ ସହ ପ୍ଲାଟ୍‌ଫର୍ମରେ ରେଳଯାତ୍ରୀଙ୍କ ଗମନାଗମନର ସୁଯୋଗ ସୃଷ୍ଟି କରିବା, ସହରମାନଙ୍କରେ ନିୟମିତ ଡ୍ରେନ୍ ସଫେଇ ଓ ମଶା ନିପାତ ପାଇଁ ସଠିକ୍ କାର୍ଯ୍ୟପନ୍ଥା ଗ୍ରହଣ ପ୍ରଭୃତି ସମସ୍ୟାକୁ ନେଇ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଗଣଆନ୍ଦୋଳନ ପାଇଁ ନିଷ୍ପତ୍ତିଗ୍ରହଣ କରାଯାଇଛି । ରେମୁଣା ଏନ୍.ଏସ୍.ସି. ଅଧୀନରେ ପୂର୍ବରୁ ଗ୍ରାମପଞ୍ଚାୟତ ସ୍ତରୀୟ କାର୍ଯ୍ୟକାରୀ ପରିଚାଳନା କମିଟିର ସଦସ୍ୟା ଭାବେ କାର୍ଯ୍ୟକରିଆସୁଥିବା ମହିଳାମାନଙ୍କୁ ରେମୁଣା ଏନ୍.ଏସ୍.ସି. ଘୋଷଣା ପରଠାରୁ ଅଦ୍ୟାବଧି ଗତ ୨୩ ମାସ ଧରି ମିଟିଂ ଆଲାଉନ୍ସ ଓ ଅନ୍ୟାନ୍ୟ ଆଇନଗତ ପ୍ରାପ୍ୟ ପ୍ରଦାନ କରାଯାଉନଥିବା ଅଭିଯୋଗକୁ ବୈଠକରେ ଗୁରୁତ୍ୱ ସହ ଆଲୋଚନା କରାଯାଇଥିଲା ।

ରାଜ୍ୟସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବହୁ ଘୋଷଣା ଓ ବିଜ୍ଞାପନ ପ୍ରକାଶ କରୁଥିବାବେଳେ ଶତାଧିକ ମହିଳାଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ସେହିପରି ସାହାରା ଇଣ୍ଡିଆର ଜମାକାରୀ, ଏଜେଣ୍ଟ ଓ କର୍ମଚାରୀମାନେ ସେମାନଙ୍କର ଅର୍ଥ ପାଇବାରେ ଅନିଶ୍ଚିତତା ଲାଗିରହିଛି । ତେଣୁ ଏହି ଦୁଇଟି ସଂଗଠନ ସେମାନଙ୍କ ଦାବି ସଂପର୍କରେ ପ୍ରସ୍ତାବିତ ଆନ୍ଦୋଳନକୁ ସିଭିଲ୍ ସୋସାଇଟି ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । ବାଗୁଡ଼ି ନବୋଦୟ ବିଦ୍ୟାଳୟର ଅଭିଭାବକମାନଙ୍କ ଅଭିଯୋଗ ଉପରେ ବିହିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି । ବାଲେଶ୍ୱର ସହରର କେତେକ ସ୍ଥାନରେ ନୂତନ ଭାବେ ନିର୍ମିତ କଂକ୍ରିଟ୍ ରୋଡ୍‌କୁ କେତେକ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ତଡ଼ାଯାଇ ରାସ୍ତାକୁ ଗମନାଗମନରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଉପରେ ନୂତନ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବି କରାଯାଇଛି ।

ଏହି ବୈଠକରେ ଗୌରାଙ୍ଗ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ଶରତ କୁମାର ମହାପାତ୍ର, ପୁଷ୍ପଲତା ଚକ୍ରବର୍ତ୍ତୀ, ବେଣୁଧର ସାହୁ, ଅନୁଜ ମହାପାତ୍ର, ଯଶୋଦା ନନ୍ଦନ ଆଶ୍, ସୋମନାଥ ନାୟକ, ଗଙ୍ଗାଧର ଦଳେଇ, ସୁରେନ୍ଦ୍ର ନାଥ ପଣ୍ଡା, ଗଣେଶ୍ୱର ରାଉତ, ବିଜୟ କୁମାର ବେହେରା, କମଳାକାନ୍ତ ନାୟକ, ବିଦ୍ୟୁତ୍‌ଲତା ସାହୁ, ସରୋଜ ପ୍ରକାଶ ପଣ୍ଡା, ସୀତାରାମ ପ୍ରଧାନ ଓ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ନବ ଭାରତ ନିର୍ମାଣ ସେବା ପାର୍ଟିର ବୈଠକ: ନିର୍ବାଚନରେ ଅଂଶ ଗ୍ରହଣ କରିବା ପାଇଁ ଯୋଜନା ଚୂଡାନ୍ତ

ବାଲିଆପାଳ ୩/୩(ନି ପ୍ର) ନବ ଭାରତ ନିର୍ମାଣ ସେବା ପାର୍ଟିର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ରବିବାର ଶିଶିର କୁମାର ଖଣ୍ଡାଙ୍କ ବିଷ୍ଣୁପୁର ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି । ଦଳ ଆଗାମୀ ୨୪ ନିର୍ବାଚନରେ ଅଂଶ ଗ୍ରହଣ କରିବା ନେଇ ଚୂଡାନ୍ତ ପ୍ରସ୍ତୁତି ଓ ଆଲୋଚନା ହୋଇ ଥିଲା । ଭାନୁ ଚରଣ ଗିରି ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଦଳର ରାଜ୍ୟ ସଭାପତି ସଦାଶିବ ସେଠୀ, ବ୍ଲକ ସଭାପତି ଶିଶିର କୁମାର ଖଣ୍ଡା, ବ୍ଲକ ସମ୍ପାଦକ ମକରନ୍ଦ ଦଳାଇ ପ୍ରମୁଖ ଯୋଗ ଦେଇ ଦଳୀୟ ସଂଗଠନ, ଦଳର ଅନୁ ଶାସନ, ନିର୍ବାଚନ ରଣ କୌଶଳ, ପ୍ରାର୍ଥୀ

ଚୟନ ଆଦି ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବସ୍ତା ନିର୍ବାଚନ ମଣ୍ଡଳୀରେ ଦଳ ଯୋଗ୍ୟ ପ୍ରାର୍ଥୀ ଦେବା ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମମତା ଦଳାଇ, ପଞ୍ଚାନନ ପଟ୍ଟାୟଟ, ମନ୍ମଥ କୁମାର ଦଳାଇ, ବିପିନ ବିହାରୀ ଦଳାଇ, ଅଞ୍ଜନା ସାମଲ, ମିନତୀ ଦଳାଇ, ରବୀନ୍ଦ୍ର ନାଥ ଦଳାଇ, ଗୟାରାମ ଗଙ୍ଗାଇ, ମନ୍ମଥ କୁମାର ଦାସ ପ୍ରମୁଖ ଦଳୀୟ କର୍ମ କର୍ତ୍ତା ମାନେ ଯୋଗ ଦେଇ ଅଂଶ ଗ୍ରହଣ କରିଥିଲେ ।

ପାରମ୍ପରିକ ଚକିରୀ ଖେଳରେ ସାମିଲ ହୋଇ ଆଦିବାସୀଙ୍କ ହୃଦୟ ଜିଣିଲେ ବିଧାୟକ ସୁକାନ୍ତ

ନୀଳଗିରି , ୦୩/୩ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ବଣସୀମା ଅନ୍ତର୍ଗତ ଛତ୍ରପୁର ପଞ୍ଚାୟତ ଭୁଡୁରୁବଣୀ ଖେଳପଡ଼ିଆ ଠାରେ ୩ଦିନ ଧରି ଆଦିବାସୀ ଭାଇମାନଙ୍କ ଦ୍ୱାରା ଚକିରି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ଲୋକପ୍ରିୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଆଦିବାସୀ ଭାଇ ଭଉଣୀମାନଙ୍କୁ ଉଦବୋଧନ ଦେଇ ସେମାନଙ୍କର ପରମ୍ପରା, ନୃତ୍ୟଗୀତ ସହିତ ସେମାନଙ୍କର ପାରମ୍ପରିକ ଖେଳକୁଦ ଅନନ୍ୟ କହିବା ସହିତ ଆଜିର ଏହି ଚକିରି ଖେଳକୁ ମନଭରି ଉପଭୋଗ କରିଥିବା କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବଣସୀମା ମଣ୍ଡଳ ସଭାପତି ଅକ୍ଷୟ କୁମାର ବେହେରା, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ଛତ୍ରପୁର ପଞ୍ଚାୟତ ନାଏବ ସରପଞ୍ଚ ହରେକୃଷ୍ଣ ହେମ୍ବ୍ରମ, ସମାଜସେବୀ ବିଦ୍‌ଯାଧର ଦଳେଇ, ନାରୀନେତ୍ରୀ ଅଶୋକାସିନୀ ନାୟକ, ସମାଜସେବୀ ଗୋବିନ୍ଦ ହାଁସଦା ଉପସ୍ଥିତ ରହି ଆଦିବାସୀ ମାନଙ୍କ ଏହି ଉତ୍ସବରେ ସାମିଲ ହେବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

ପୁରାତନ ଛାତ୍ରଙ୍କ ବୟୋଗରେ ଛାତ୍ର - ଛାତ୍ରୀ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ଉଦଳା , ୦୩/୩ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଶଳଦା ହାଇସ୍କୁଲର ୧୯୭୨ ମ୍ୟାଟ୍ରିକ ବ୍ୟାଚର ପ୍ରତିଭାବାନ ଛାତ୍ର ତଥା ପାରାଦୀପ ଫସଫେଟ ସାର କାରଖାନାର ଅବସରପ୍ରାପ୍ତ ଉତ୍ପାଦନ ଶାଖାର ସିନିୟର ମେନେଜର ଇଂ. କେଶବ ଚନ୍ଦ୍ର ନାଏକଙ୍କର ମୁଖ ଗ୍ୱହର କର୍କଟରେ ବିୟୋଗ ହେତୁ ତାଙ୍କର ଏକାଦଶାହରେ ଗତ ତା.୦୧-୦୩-୨୦୨୪ରିଖ ଶୁକ୍ରବାର ଦିନ ୱ ନାଏକଙ୍କର ଜନ୍ମ ମାଟି ଖୁଂଟା ନିକଟବର୍ତ୍ତୀ ବଡ଼କରିଆ ଗ୍ରାମରେ କୁଶଳଦା ହାଇସ୍କୁଲର ପୁରାତନ ଛାତ୍ର-ଛାତ୍ରୀ ସଂଘ, କୁଆମରା ହାଇସ୍କୁଲ ପୁରାତନ ଛାତ୍ର - ଛାତ୍ରୀ ସଂଘ ଓ ଏମ୍.କେ.ସି. ହାଇସ୍କୁଲ ବାରିପଦାର ପୁରାତନ ଛାତ୍ର-ଛାତ୍ରୀ ସଂଘ ତରଫରୁ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇ ଯାଇଛି । କୁଶଳଦା ହାଇସ୍କୁଲର ପୁରାତନ ଛାତ୍ରୀ-ଛାତ୍ରୀ ସଂଘର ସଂପାଦକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ବରିଷ୍ଠ ସାରସ୍ୱତ ସାଧକ ରବିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଳି ସଭାରେ ୱ ନାଏକଙ୍କର ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ମାନେ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ଶ୍ରଦ୍ଧାଳି ସଭାର ପ୍ରାରମ୍ଭରେ କୁଶଳଦା ହାଇସ୍କୁଲର ପୁରାତନ ଛାତ୍ର-ଛାତ୍ରୀ ସଂଘର ସହସଂପାଦକ ପ୍ରିୟବ୍ରତ ବାରିକ ସଭାର ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଉପସ୍ଥିତ ଅତିଥି ମାନେ ୱ ନାଏକଙ୍କର ଫଟୋ ଚିତ୍ରରେ ଧୂପ, ନୈବେଦ୍ୟ ସହ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ସଭାର ପ୍ରାରମ୍ଭରେ ସଭାପତିଙ୍କ ପରାମର୍ଶ କ୍ରମେ ଉପସ୍ଥିତ ସମସ୍ତେ ନିଜ ଆସନରେ ଛିଡ଼ା ହୋଇ ୧ ମିନିଟ ନୀରବ ପ୍ରାର୍ଥନା ସହ ୱ ଆତ୍ମାର ସଦ୍‌ଗତି କାମନା କରିଥିଲେ । ଶ୍ରଦ୍ଧାଳି ସଭାରେ ୱ କେଶବ ନାଏକଙ୍କର ଅବିସ୍ମରଣୀୟ ଓ ଆଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରି ଯେଉଁମାନେ ତାଙ୍କୁ ଜଣେ ଅତ୍ୟନ୍ତ ଭଦ୍ର, ନମ୍ର, ଅମାୟିକ ଓ ନୀରହଂକାରୀ ବ୍ୟକ୍ତିତ୍ୱ ବୋଲି ବର୍ଣ୍ଣନା କରିଥିଲେ ସେମାନଙ୍କ ମଧ୍ୟରେ ୱ ନାଏକଙ୍କର ବାଲ୍ୟ ବନ୍ଧୁ କୁଶଳଦା ହାଇସ୍କୁଲର ପୁରାତନ ଛାତ୍ର ଶିକ୍ଷାବିତ ମନମୋହନ ମହାପାତ୍ର, ଅବସରପ୍ରାପ୍ତ ସହକାରୀ ଉଦ୍ୟାନ ଅଧିକାରୀ ପ୍ରବୋଧ କୁମାର ନାଏକ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରସନ୍ନ କୁମାର ଚକ୍ର, ସମାଜସେବୀ ଅମ୍ବୁଜ କୁମାର ପରିଛା, ଶିକ୍ଷାବିତ ଦେବବ୍ରତ ବାରିକ ଓ ପ୍ରିୟବ୍ରତ ବାରିକ ପ୍ରମୁଖ ଥିଲେ । ଶ୍ରଦ୍ଧାଳି କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ଥାଇ ମୋବାଇଲ ମାଧ୍ୟମରେ କୁଶଳଦା ହାଇସ୍କୁଲ ପୁରାତନ ଛାତ୍ର-ଛାତ୍ରୀ ସଂଘର ସଭାପତି ଯତୀନ୍ଦ୍ର ମୋହନ ଶତପଥୀ ଓ ସଂଘର ବରିଷ୍ଠ ସଭ୍ୟ ତଥା ରାଜ୍ୟ ସରକାରଙ୍କର ରାଜସ୍ୱ ପରିଷଦର ଅବସରପ୍ରାପ୍ତ ସଭ୍ୟ ଡ଼. ଅରବିନ୍ଦ ବେହେରା, ଆଇ.ଏ.ଏସ୍. ଆଭାସିରେ ଯୋଗଦାନ କରି ସ୍ମୃତିଚାରଣ ସହ ୱ ଆତ୍ମାର ସଦ୍‌ଗତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱ ନାଏକଙ୍କର ଦୀର୍ଘ ଚାକିରି ଜୀବନର ସହକର୍ମୀ ଭୁବନେଶ୍ୱରର କିଶୋରଚନ୍ଦ୍ର ନାୟକ, ରେବତୀ ପ୍ରସାଦ ନାୟକ ଓ ନିକାଟଂନ ସିଂହ; ଖୁଂଟା ବ୍ଲକର ଚେୟାରମେନ ସୁଧନ୍ୟା ନାଏକ, ବାରିପଦାର ସପ୍ତରଙ୍ଗ ଅନୁଷ୍ଠାନର ସାଥୀ/ବନ୍ଧୁ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅସୀମ ସରକାର,

ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ମହେଶଚନ୍ଦ୍ର ମହାପାତ୍ର, ଏମ୍.କେ.ସି. ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନ୍ଧ୍ୟାଧର ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଚତୁର୍ଭୁଜ ନାୟକ, ବାରିପଦାର ପ୍ରସିଦ୍ଧ ମହାପାତ୍ର ହୋଟେଲର ମାଲିକ ରବିନ୍ଦ୍ର କୁମାର ମହାପାତ୍ର, ବାରିପଦା ହେଡ଼ପୋଷ୍ଟ ଅଫିସର ଅବସରପ୍ରାପ୍ତ ହେଡ଼ପୋଷ୍ଟ ମାଷ୍ଟ ପରମେଶ୍ୱର ମହା', 'କ' ଶ୍ରେଣୀ ଠିକାଦାର ପ୍ରବୀଣ କୁମାର କର ଓ ଭୁବନେଶ୍ୱର ଏଜି ଅଫିସର ଏକାଉଂଟାଂଟ ପଦ୍ମଲୋଚନ ବେହେରା ପ୍ରଭୃତି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପୂର୍ବକ ୱ ଆତ୍ମା ପ୍ରତି ଶ୍ରଦ୍ଧାଳି ଅର୍ପଣ କରିଥିଲେ । ଶ୍ରଦ୍ଧାଳି ସଭା ଶେଷରେ ୱ କେଶବଚନ୍ଦ୍ର ନାଏକଙ୍କ ଜ୍ୟେଷ୍ଠ ଭ୍ରାତା ତଥା ବାସିପୀଠା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୱ ନାଏକଙ୍କ ବିଧବା ପତ୍ନି ପୁଷ୍ପଲତା ନାଏକ, ଏକମାତ୍ର କନ୍ୟା ବ୍ୟାଙ୍କ ଅଫିସର ପ୍ରଜ୍ଞାପରମିତା ନାଏକ, ପୁତ୍ର ଇଂ. ସୁସୁମନ ନାଏକ ଓ ପୁତୁରା ସ୍ୱୟଂଜ୍ୟୋତି ନାଏକ ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟପରିଚାଳନାରେ ସହାୟତା କରିଥିଲେ ।

ହନୁମାନ ମନ୍ଦିରରେ ରାମଲାଲାଙ୍କ ପ୍ରତିଷ୍ଠା

ବାଲେଶ୍ୱର: ଟାଉନ ହଲ ରୋଡ ରେ ଥିବା ହନୁମାନ ମନ୍ଦିର ର ରେ ଶ୍ରୀ ରାମଲାଲା ଙ୍କ ପ୍ରତିମା ପ୍ରତିଷ୍ଠା ଗତକାଲି ହୋଇଯାଇଅଛି । ଅଯୋଧ୍ୟା ରେ ଶ୍ରୀ ରାମଲାଲା ଙ୍କ ପ୍ରାଣ ପ୍ରତିଷ୍ଠା ପରେ ଟାଉନ ହଲ ରୋଡ ରେ ଥିବା ହନୁମାନ ମନ୍ଦିର ର ମନ୍ଦିର କମିଟି ଆବାହକ ଶ୍ରୀ ଗୌର ସାଧନ ମିଶ୍ରଙ୍କ ମନ ରେ ଇଚ୍ଛା ଥିଲା ଏଇ ମନ୍ଦିର ରେ ଶ୍ରୀ ରାମଲାଲା ଙ୍କ ର ଏକ ମୂର୍ତ୍ତି ପ୍ରତିଷ୍ଠା ପାଇଁ । ଗତକାଲି ରାମଲାଲା ଙ୍କ ପ୍ରତିଷ୍ଠା ବୈଦିକ ରୀତି ରେ ପୂଜା, ହୋମ, ଆଳତୀ ସହ ସମ୍ପନ୍ନ ହୋଇଯାଇଅଛି । ମନ୍ଦିର ପୂଜକ ଶ୍ରୀ କୃତ୍ତିବାସ ପଣ୍ଡା ଓ ପଣ୍ଡିତ ଶ୍ରୀ ଆଦିତ୍ୟ ଆଚାର୍ଯ୍ୟ ଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ

ସହ ସମ୍ପୂର୍ଣ୍ଣ ରାମମୟ ପରିବେଶ ରେ ଉତ୍ସବ ସମ୍ପନ୍ନ ହୋଇଥିଲା । ଏହି ଧାର୍ମିକ କାଯ୍ୟକ୍ରମ ରେ ଶ୍ରୀ ଲକ୍ଷ୍ମଣ ବାରିକ, ଶ୍ରୀ ପ୍ରଶାନ୍ତ କୁମାର ଦାସ, ବସନ୍ତ କୁମାର ଦାସ, ଶ୍ରୀ ବିକ୍ରମ ମହାପାତ୍ର, ଶ୍ରୀ ଚନ୍ଦ୍ରାଂଶୁ ବାନାର୍ଜୀ, ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର, ଶ୍ରୀ ସୁନୀଲ ଦାସ, ଶ୍ରୀ କୃଷ୍ଣ ଚନ୍ଦ୍ର ଦାସ ଓ ଶ୍ରୀ ନିତ୍ୟାନନ୍ଦ ହୋତା ସାହାଯ୍ୟ ଓ ସହଯୋଗ କରି ଥିଲେ । ଉତ୍ସବ ଶେଷରେ ପ୍ରସାଦ ବିତରଣ କରାଯାଇଥିଲା ।

ରେଳ ବିଭାଗର ପ୍ରତିଶ୍ରୁତି ପରେ ରେଳରୋକ ସ୍ଥଗିତ

ରୂପସା, ୦୩/୩ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ହଳଦୀପଦା ରେଳ ଷ୍ଟେସନରେ ମାର୍ଚ୍ଚ ୪ ତାରିଖରେ ହେବାକୁ ଥିବା ରେଳରୋକ ସ୍ଥଗିତ ରଖାଯାଇଛି । ରବିବାର ରେଳ ବିଭାଗ କମରସିଆଲ ଇନ୍ସପେକ୍ଟର ଏସ ଶାହା, ଡିଟିଆଇ ଡିକେ ମହାକୁଡ଼, ଆରପିଏଫ ଆଇଆଇସି ଡି କୁମାର, ଏକେ ମହାଳିକ ପ୍ରମୁଖ ଷ୍ଟେସନ ପରିସରରେ ପହଞ୍ଚି ପ୍ରଗତିମଞ୍ଚର କର୍ମକର୍ତ୍ତାଙ୍କ ସହ ଷ୍ଟେସନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଡିଆରଏମଙ୍କ ସହ ଆଲୋଚନାପୂର୍ବକ ଖୁବ ଶୀଘ୍ର ସମସ୍ୟାର ସମାଧାନଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରେଳରୋକ ସ୍ଥଗିତ ରଖାଯାଇଥିଲା । ପ୍ରଗତିମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, କାର୍ଯ୍ୟକାରୀ ସଭାପତି ରାଧାକୃଷ୍ଣ ଜେନା ଓ ବୃହସ୍ପତି ଦାଶ, ମୁଖ୍ୟ ଉପଦେଷ୍ଟା ସୁଦର୍ଶନ ନାୟକ,ଉପ ସଭାପତି ବିଜୟ କୁମାର ନାୟକ ଓ ହରେନ୍ଦ୍ର ପ୍ରଧାନ,

ସମ୍ପାଦକ ବୀରେନ୍ଦ୍ର କୁମାର ନନ୍ଦ, ସହ ସମ୍ପାଦକ ଦୀପକ କୁମାର ଜେନା,କୋଷାଧ୍ୟକ୍ଷ ଚୈତନ୍ୟ ପ୍ରସାଦ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଷ୍ଟେସନରେ ରିଜର୍ଭସନ ଟିକେଟ କାଉଣ୍ଟର ଖୋଲାଯିବା, ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଷ୍ଟେସନ ପରିସରରେ ଏକ ଏଟିଏମ ସ୍ଥାପନ, ଷ୍ଟେସନ ଉତ୍ତର ପାର୍ଶ୍ୱରେ ରାମ୍ପର ସୁବିଧା, ବାଇକ ଓ ଭ୍ୟାନ ରଖିବା ପାଇଁ ଏକ ଷ୍ଟାଣ୍ଡ ନିର୍ମାଣ, ରାଇସୁଆଁ ରେଳ ଫାଟକ ଠାରେ କଂକ୍ରିଟ ରାସ୍ତା ମରାମତି ପାଇଁ ଗତ ଡିସେମ୍ବର ମାସରେ ରେଳ ମନ୍ତ୍ରୀ, ରେଳ ବୋର୍ଡ,ଏମପି,ଜେନେରାଲ ମ୍ୟାନେଜର, ଡିଆରଏମ ପ୍ରମୁଖଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ରେଳ ବିଭାଗ ପକ୍ଷରୁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଆସନ୍ତା ୪ ତାରିଖରେ ରେଳରୋକ ଆନ୍ଦୋଳନ ହେବ ବୋଲି ପ୍ରଗତିମଞ୍ଚ ପକ୍ଷରୁ ଡାକରା ଦିଆଯାଇଥିଲା । ଖୁବ ଶୀଘ୍ର ଦାବି ପୂରଣ ନହେଲେ ପୁଣି ରେଳରୋକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

⌈ ଜଣଙ୍କ ଦେହରେ ବଞ୍ଚି ...

ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ଉନ୍ନତି ଘଟିଥିଲା । ଚିକିତ୍ସା କରୁଥିବା ଡାକ୍ତର ଓ ପରିବାର ଭାବିଥିଲେ ସବୁକିଛି ଠିକ୍ ହୋଇଯିବ । ଚିକିତ୍ସା ପରେ ଶୁଭୋଜିତଙ୍କ ହାର୍ଟ, ଲଗ୍ସ ପ୍ରମୁଖ ଆକ୍ଟିଭ୍ ହେଲା । କିନ୍ତୁ ବ୍ରେନ୍ ରେସ୍‌ପଣ୍ଡ କଲାନାହିଁ । ଶେଷରେ ଗୁରୁବାର ଦିନ ଡାକ୍ତର ବ୍ରେନ୍ ଡେଡ୍ ବୋଲି ଘୋଷଣା କଲେ । ଡାକ୍ତରଙ୍କଠାରୁ ନିରାଶାର ବାଣୀ ଶୁଣିବା ପରେ ପରିବାର ଲୋକ ନେଲେ ବଡ଼ ନିଷ୍ପତ୍ତି । ପୁଅର ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏନେଇ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ । ରାଜ୍ୟ ସରକାର ପ୍ରୋଟୋକଲ୍ ଅନୁସାରେ କରାଯାଇଥିଲା ଶୁଭୋଜିତଙ୍କ ଅପରେଶନ୍ । ତାଙ୍କ ଶରୀରରୁ କିଡନୀ, ଆଖି, ପାନକ୍ରିୟସ୍, ଲିଭର ପ୍ରମୁଖ ପୃଥକ୍ କରାଯାଇଥିଲା । ପରେ ଶୁଭୋଜିତଙ୍କ ସବୁ ଅଙ୍ଗକୁ ଗ୍ରୀନ୍ କରିଡରରେ ଏୟାରପୋର୍ଟ ନିଆଯାଇଥିଲା । ସେଠାରୁ ଅନ୍ୟ ରାଜ୍ୟକୁ ନିଆଯାଇଥିବା ଜଣାପଡ଼ିଛି ।

ପାରାଦୀପରୁ କେନ୍ଦ୍ରାପଡ଼ା...

ମେମୋ

ସୋମବାର, ମାର୍ଚ୍ଚ ୦୪, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାଲେଶ୍ୱର ଜିଲ୍ଲାରେ ଆରମ୍ଭ ହେଲା ପଲ୍ସ ପୋଲିଓ ଟିକାକରଣ ଅଭିଯାନ

ବାଲେଶ୍ୱର, ୦୩/୩ (ନି.ପ୍ର): ସମଗ୍ର ଜିଲ୍ଲାରେ ଆରମ୍ଭ ହୋଇଛି ପଲ୍ସ ପୋଲିଓ ଟିକାକରଣ ଅଭିଯାନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆଜି ପୂର୍ବାହ୍ନରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ଃ ଦୁଲାଳସେନ ଜଗଦ୍ଦେବ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି ଓ ଏହି ଟିକାକରଣ ଅଭିଯାନ ତିନି ଦିନ ଧରି ଚାଲିବ ଓ ଆଜି ପ୍ରଥମ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥଗୁଡିକରେ ଜନ୍ମରୁ ପାଞ୍ଚ ବର୍ଷ ପିଲାମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ବ୍ୟବସ୍ଥା କରା ଯାଇଅଛି। ଏଥି ନିମନ୍ତେ ଜିଲ୍ଲାରେ ୧୦୬୩ କେନ୍ଦ୍ରରେ ୨୧୨୯ଟି ଟିମ୍ ଗଠନ କରାଯାଇଛି ସେହି ଟିମରେ ୪୨୫୨ ଜଣ କର୍ମୀ ରହି ପିଲାମାନଙ୍କୁ ପୋଲିଓ ବୁନ୍ଦା ଦେବା ସହିତ ୨୦୯ ଜଣ ସୁପରଭାଇଜର କାର୍ଯ୍ୟକୁ ତଦାରଖ କରିବା ପାଇଁ ପ୍ରସ୍ତୁତି କରାଯାଇଅଛି । ୪ ଓ ୫ ତାରିଖ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ପିଲା ଚିହ୍ନଟ କରି ପିଲାଙ୍କୁ ପୋଲିଓ ବୃନ୍ଦା ଦେବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ଏନ.ଜି.ଓ ଆଦିଙ୍କୁ ଅଭିଯାନକୁ ସଫଳ କରିବା ଏବଂ ଟିକାକରଣରୁ କୌଣସି ଶିଶୁ ଯେପରି ବାଦ ନ ପଡନ୍ତି ସେଥି ପ୍ରତି ଧ୍ୟାନ ଦେବା ପାଇଁ ଅନୁରୋଧ କରାଯାଇଅଛି ଓ ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲାର ୨୦୯୭୪୦ ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ ରଖାଯାଇଛି ।

ଏହି ଅବସରରେ ଏଡିପିଏଚଓ (ଏଫ.ଡବ୍ଲୁ) ଡ଼.ପରେଶ ଚନ୍ଦ୍ର ନନ୍ଦୀ, ଏଡିପିଏଚଓ (ଭି.ଭି.ଡି) ଡ଼. ରଞ୍ଜନ କୁମାର ନାୟକ, ଏଡିପିଏଚଓ (ଲେପରସି) ଡ଼. ସଂଜୀବ ପ୍ରଧାନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

କଥାଦେଇ କଥା ରଖିଲେ ଅଧିକାରୀ: ଚଲଣାପାଳରେ ଲାଗିଲା ରିଗମେସିନ

ନୀଳଗିରି , ୦୩/୩ (ନି.ପ୍ର): ଅଧିକାରିଣୀଙ୍କ କଥା ଫମ୍ପା ନଥିଲା ବରଂ କଥାଦେଇ କଥା ରଖିଲେ ମାଡ଼ାମ୍। ଦୁଇଦିନ ଧରି ଲାଗି ରହିଥିବା ପାଣି ସମସ୍ୟାର ଲାଗିଲା ବିରାମ। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଚଲଣାପାଳ ଗ୍ରାମଟି ପାହାଡିଆ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରାୟ ପାଣି ସମସ୍ୟା ଲାଗିରହିଥାଏ। ଉକ୍ତ ଗ୍ରାମରେ ବସବାସ କରୁଥିବା ପ୍ରାୟ ୫ଶହ ପରିବାର ପାନୀୟ ଜଳ ପାଇଁ ବର୍ଷର ଅଧିକାଂଶ ଦିନ ହନ୍ତସନ୍ତ ହୋଇଥାନ୍ତି। ବସୁଧା ଯୋଜନାରେ ପ୍ରତି ଘରେ ପାଇପ୍ ସଂଯୋଗ କରାଯାଇଥିଲେ ମଧ୍ୟ ପାଣି ପହଞ୍ଚି ପାରିନାହିଁ। ଗାଁରେ ୪ଗୋଟି ନଳକୂପ ଥିଲେ ମଧ୍ୟ ୨ଟିରେ ପାଣି ବାହାରୁନଥିବା ବେଳେ ୨ଟିରେ ଗୋଳିଆ ପାଣି ବାହାରୁଛି ଯାହା ପାନୀୟ ଉପଯୋଗୀ ନୁହେଁ। ତେବେ ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ସିଂ ଏବଂ ଗ୍ରାମବାସୀଙ୍କ ଅଭିଯୋଗ ମୂଳେ ଗତ ଶୁକ୍ରବାର ନୀଳଗିରି ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହନ୍ତ ଗ୍ରାମରେ ପହଞ୍ଚି ସ୍ଥିତି ପରଖିବା ସହିତ ଦିନେ ମଧ୍ୟରେ ଏକ ନୂତନ ନଳକୂପ ବସାଇବା

ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସେପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇଦିଆଯିବ ବୋଲି କହିଥିଲେ। ମାତ୍ର ନଳକୂଅ ଖୋଳା ମେସିନଟି ଅନ୍ୟତ୍ର ଯାଇଥିବା ଏବଂ ଅନ୍ୟାନ୍ୟ ଅଫିସ କାମରେ ବ୍ୟସ୍ତରହିବା ଫଳରେ ନିର୍ଦ୍ଦିଷ୍ଟ ସମୟରେ ଗ୍ରାମବାସୀ ଏବଂ ସରପଞ୍ଚଙ୍କ ଫୋନ୍ ଉଠାଇ ପାରିନଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗ୍ରାମବାସୀ ମାନେ ନୀଳଗିରି ମିତ୍ରପୁର ରାସ୍ତାର କଣ୍ଟାବଣିଆ ଛକ ନିକଟରେ ରାସ୍ତାରୋକ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଆଜି ନଳକୂପ ଖୋଳା ରିଗମେସିନ୍ ଟି ଗ୍ରାମରେ ପହଞ୍ଚି ଖୋଳିଥିବା ବେଳେ ଅଧିକାରିଣୀ ଶ୍ରୀମତୀ ମହନ୍ତ ନିଜର ପ୍ରତିଶ୍ରୁତି ରଖିଥିବା କହି ଖୁସିବ୍ୟକ୍ତ କରିଛନ୍ତି ଗ୍ରାମବାସୀ।

ଡକ ବୋଟ ସହିତ ଭ୍ରାମ୍ୟମାଣ ଆମ୍ବୁଲାନ୍ସର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସଦାନନ୍ଦ ସୋନୱାଲ

ପାରାଦ୍ୱୀପ, ୦୩/୩ (ନି.ପ୍ର): ପାରାଦ୍ୱୀପ ବନ୍ଦର ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ସୁବିଧା ଥିବା ଏକ ଆମ୍ବୁଲାନ୍ସ ଓ ଆତ୍ମ ନିର୍ଭର ଭାରତ ଯୋଜନାରେ ଏକ ନୂତନ ଡକ୍ ବୋଟ ର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଜାହାଜ ଚଳାଚଳ,ବନ୍ଦର ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସେନୋଓାଲ୍ । କେନ୍ଦ୍ରମନ୍ତ୍ରୀ ଆଭାସି ମାଧ୍ୟମରେ ୬୪ଟନ୍ ବୋଲାର୍ଡ ପୁଲ୍ ଟଗ୍ ଓସେନ୍ ଗ୍ରେସ୍ ଓ ମେଡିକାଲ୍ ମୋବାଇଲ୍ ୟୁନିଟ୍ର ଲୋକାର୍ପଣ କରିଛନ୍ତି। କୋଚିନ୍ ସିପ୍ ୟାର୍ଡରେ ଏହି ଗ୍ରୀନ୍ ଟଗ୍ ବୋଟ୍ ୪୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଦେଶର ସମସ୍ତ ବନ୍ଦରମାନଙ୍କରେ ୨୦୩୦ ସୁଦ୍ଧା ସମସ୍ତ ଗ୍ରୀନ୍ ଟଗ୍ର ବ୍ୟବହାର କରାଯିବା ପାଇଁ ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ଓଡିଶାରେ ସାଗରମାଳା ପ୍ରକଳ୍ପ ଅଧିନରେ ୫୪,୫୦୦ କୋଟି ଟଙ୍କା ବ୍ୟୟରେ ୫୩ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଉଦଘାଟିତ ହୋଇଥିବା ଏହି ଆମ୍ବୁଲାନ୍ସ ରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ ରହିଛି । ପ୍ରତି ମାସରେ ଏହି ଆମ୍ବୁଲାନ୍ସ ୨୦ ଟି ଗ୍ରାମ ରେ ବୁଲିବା ସହିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବ। ଏଥିରେ କାର୍ଡିଆକ, ଡାଇଗ୍ନୋଷ୍ଟିକ, ଇସିଜି, ମ୍ୟାଟରନାଲ ପ୍ରଭୃତି ଚିକିତ୍ସାର ସୁବିଧା ରହିଛି। ଏଥିରେ ଜଣେ ଡାକ୍ତର , ଜଣେ ନର୍ସ, ଜଣେ ଫାର୍ମାସିଷ୍ଟ ରହିବା ସହିତ ରୋଗୀମାନଙ୍କ ର ସମସ୍ତ ପରୀକ୍ଷା ଓ ଚିକିତ୍ସା ଏବଂ ଔଷଧ ମଧ୍ୟ ଯୋଗାଇଦିଆଯିବ। ସେହିପରି ୬୪ ଟନ କ୍ଷମତା ବିଶିଷ୍ଟ ଡକ ବୋଟ ଟି ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନ କୌଶଳ ରେ ତିଆରି ହୋଇଛି। ଯାହା ବଡ ବଡ କେପ୍ ସାଇଜ ଭେସେଲ କୁ ଟାଣିବାରେ ସକ୍ଷମ ହେବ ବୋଲି ବନ୍ଦର ଅଧକ୍ଷ ପି ଏଲ ହରାନାଦ ପ୍ରକାଶ କରିଛନ୍ତି। ଆଗାମୀ ଦୁଇବର୍ଷ ମଧ୍ୟରେ

ପାରାଦ୍ୱୀପରେ ଓ୍ୱେଷ୍ଟର୍ଣ୍ଣ ଡକ ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ, ଏଥିରେ ଆସିବାକୁ ଥିବା ବଡ ବଡ ଭେସେଲ (ଜାହାଜ) କୁ ପରିଚାଳନାରେ ସୁବିଧା ହେବ ।ପାରାଦୀପ ବନ୍ଦର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧିନରେ ଶିକ୍ଷା, ପରିବେଶ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, କ୍ରୀଡା, ସଂସ୍କୃତି ଆଦି କ୍ଷେତ୍ରରେ ବହୁ ପ୍ରଶଂସନୀୟ କାର୍ଯ୍ୟ କରୁଛି ବୋଲି ବନ୍ଦର ଅଧକ୍ଷ ପ୍ରକାଶ କରିଛନ୍ତି।ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ବିଭାଗୀୟ ସଚୀବ ଟି.କେ.ରାମଚନ୍ଦ୍ରନ, କୋଚିନ୍ ସିପ୍ ୟାର୍ଡର ସିଏମଡି ମଧୁ.ଏସ୍.ନାୟାର ଉପସ୍ଥିତ ଥିଲେ। ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା।

ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା କାନ୍ଥ ଲିଖନ ଏବଂ ଲାଭାର୍ଥି ସମ୍ପର୍କ ଅଭିଯାନ

ବସ୍ତା, ୦୩/୩ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ପାଇଁ ଅପେକ୍ଷାରେ ଅଛନ୍ତି ସାରା ଭାରତ ବର୍ଷର କୋଟି କୋଟି ଜନସାଧାରଣ । ଭାରତୀୟ ଜନତା ପାର୍ଟିର ନେତା ଓ କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ସମଗ୍ର ଦେଶରେ ଚାଲିଛି କାନ୍ଥ ଲିଖନ କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ଲୋକସଭା ଅନ୍ତର୍ଗତ ବସ୍ତା ବ୍ଲକ ରେ କାନ୍ଥ ଲିଖନ କାର୍ଯ୍ୟକ୍ରମ କରି 'ପୁଣି ଥରେ ମୋଦି ସରକାର' ର ସଂକଳ୍ପ କୁ ସିଦ୍ଧି କରିବା ପାଇଁ କାର୍ଯ୍ୟକର୍ତ୍ତା ଓ ଉପସ୍ଥିତ ଜନସାଧାରଣ ଙ୍କୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସନ୍ଦେଶ ଦେଲେ ଏବଂ ଗାଁ କୁ ଚାଲ ଅଭିଯାନରେ ଘରକୁ ଘର ବୁଲି ଲାଭାର୍ଥି ସମ୍ପର୍କ ଅଭିଜାନ ମୋଦୀ ଙ୍କ ର ଜନ ସାଧାରଣ ଙ୍କ ପାଇଁ ମୋଦୀ ଗ୍ୟାରେଣ୍ଟି ବିଷୟରେ ଅବଗତ କରାଇଥିଲେ।

ମାର୍ଚ୍ଚ ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ

ବାରିପଦା, ୦୩/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଫେବୃଆରୀ ମାସର ପ୍ରଥମ ସୋମବାର ୪ତାରିଖ ସଦର ଉପଖଣ୍ଡ ବାରିପଦାର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ । ସେହିପରି ମାର୍ଚ୍ଚ ମାସ ଦ୍ୱିତୀୟ ସୋମବାର ୧୧ ତାରିଖ ବାମନଘାଟି ଉପଖଣ୍ଡର ୭ଟି ବ୍ଲକର ଜନସାଧାରଣଙ୍କ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ୧୮ ତାରିଖ ପାଞ୍ଚପିଡ଼ି ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଏବଂ ମାସର ଚତୁର୍ଥ ସୋମବାର ୨୫ ତାରିଖ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବା ସ୍ଥିର ହୋଇନାହିଁ କାରଣ ଏହି ଦିନ ଏବଂ ତା ପରା ଦିନ ଦୋଳ ପୂର୍ଣ୍ଣିମା ଏବଂ ହୋଲି ପର୍ବ ପାଇଁ ଛୁଟି ଅଛି । ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଜନ ଶୁଣାଣି ଶିବିର ରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ

ଅଧିକାରୀ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଜଣାଇଛନ୍ତି ।

ପୂର୍ବ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ କଲେ ରାଜନୀତିରୁ ସନ୍ନ୍ୟାସ ଘୋଷଣା

ନୂଆଦିଲ୍ଲୀ, ୦୩/୩ : ଭାରତୀୟ ଜନତା ପାର୍ଟି ନେତା ଏବଂ ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ରାଜନୀତିରୁ ସନ୍ନ୍ୟାସ ନେବାକୁ ଘୋଷଣା କରିଛନ୍ତି। ନିକଟରେ ଭାଜପା ପକ୍ଷରୁ ଜାରି ପ୍ରାର୍ଥୀଙ୍କ ସୂଚୀରେ ଚାନ୍ଦନୀଚୌକରୁ ତାଙ୍କ ସ୍ଥାନରେ ପ୍ରବୀଣ ଖଣ୍ଡେଲୱାଲଙ୍କୁ ଟିକେଟ୍ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଫେରିବାର ଶୁଭକାମନା ସହିତ ସେ ଏହି କଥା ଉପରେ ଖୁସି ବ୍ୟକ୍ତ କରିଛନ୍ତି ଯେ, ତାଙ୍କ ତାଙ୍କ ସହିତ କାମ କରିବାକୁ ସୁଯୋଗ ମିଳିଛି। ଏହାସହ ସେ ପାର୍ଟି କାର୍ଯ୍ୟକର୍ତ୍ତା, ପ୍ରଶଂସକ ଏବଂ ସାଧାରଣ ନାଗରିକଙ୍କ ସହିତ ପାର୍ଟିର ନେତାଙ୍କୁ ଧନ୍ୟବାଦ ଦେଇଥିଲେ।

ସମାଜ କଲ୍ୟାଣ ବିକାଶ ପରିଷଦର ସାଧାରଣ ଓ ଜରୁରୀ ବୈଠକ

ଉତ୍କଳ ଏକ୍ସପ୍ରେସ୍ ରହଣି ଲାଗି ୧୦ରେ ଆନ୍ଦୋଳନ : କର୍ମକର୍ତ୍ତାଙ୍କୁ ଚରମପତ୍ର

ଜଳେଶ୍ୱର , ୦୩/୩ (ନି.ପ୍ର): ଦୀର୍ଘ ୩ବର୍ଷ ଧରି ବିଭିନ୍ନ ଆବେଦନ, ଦାବୀ, ସ୍ମାରକପତ୍ର ଜଳେଶ୍ୱର ବାସୀଙ୍କ ପକ୍ଷରୁ ରେଳ କର୍ତ୍ତୃପକ୍ଷ ଓ ମନ୍ତ୍ରୀଙ୍କୁ ଦିଆଯାଇ ଆସୁଥିଲେ ମଧ୍ୟ ଅଦ୍ୟାବଧି କଳିଙ୍ଗ-ଉତ୍କଳ-ଋଷିକେଷ ଏକ୍ସପ୍ରେସ ଜଳେଶ୍ୱରରେ ଛିଡାହେବାର ନାମଗନ୍ଧ ନାହିଁ । ତେଣୁ ଆଜି ଜଳେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଂନ ସଭାଂଜ କଲ୍ୟାଣ ବିକାଶ ପରିଷଦର ଜରୁରୀ ସାଧାରଣ ବୈଠକ ନୂଆବଜାର ଭଞ୍ଜଶ୍ରୀ ଭବନରେ ଅନୁଷ୍ଠିତ ହୋଇଛି । ଏଥିରେ ଆସନ୍ତା ୧୦ ତାରିଖ ସକାଳ ୭ରୁ ଜଳେଶ୍ୱର ରେଳ ଷ୍ଟେସନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ହୋଇଛି । ପରିଷଦର କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଦୀର୍ଘ ୧୩ବର୍ଷ ଧରି ପରିଷଦ ରେଳ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି କେତେକ ଦାବି ହାସଲ କରିପାରିଥିବା ସଂପର୍କରେ କହିଥିଲେ । କିନ୍ତୁ କରୋନା ତାଲାବନ୍ଦ ଠାରୁ ଉତ୍କଳ ଏକ୍ସପ୍ରେସର ଅପ ଟ୍ରେନ୍‌ଟି ଜଳେଶ୍ୱରରେ ଅଟକୁଥିବା ବେଳେ ଡାଉନ୍ ଟ୍ରେନ୍‌ଟି ଅଟକୁ ନ ଥିବାରୁ ଜଳେଶ୍ୱର ବାସୀଙ୍କ ପକ୍ଷରୁ ବିଭିନ୍ନ ସଂଗଠନ, ଶିକ୍ଷକ ଓ ନେତୃସ୍ଥାନୀୟ ବ୍ୟକ୍ତି ଏହାର ରହଣି ନିମନ୍ତେ ରାଜ୍ୟ ଓ କେନ୍ଦ୍ର ନେତୃବୃନ୍ଦଙ୍କୁ ଦାବି ଜଣାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଆଜିର ସଭାରେ କ୍ଷୋଭ ପ୍ରକାଶ କରାଯାଇଛି । ଏଥିରେ ସଂଗଠନର ସ୍ଥାୟୀ ସଭାପତି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗ ଦେଇ ଏକ ପ୍ରତିକାତ୍ମକ ଧାରଣା ଲାଗି ପ୍ରସ୍ତାବ ରଖିଥିଲେ । ଆଜି

ଏଥିପାଇଁ ଖଡଗପୁର ଡିଆରଏମ୍ , କୋଲକତା ଗାଡେନ୍‌ରିଚର ମହାପ୍ରବନ୍ଧକ, ବାଲେଶ୍ୱର ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତଭାବେ ଜଣାଇ ଦିଆଯାଇଛି । ଏହି ଆନ୍ଦୋଳନରେ ଯୋଗ ଦେବାଲାଗି ଜଳେଶ୍ୱରର ସମସ୍ତ ସ୍ୱେଚ୍ଛାସେବୀ ସଂଗଠନକୁ ଆହ୍ୱାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ପରିଡା, ଡ. ଅଜିତ୍ ମହାନ୍ତି, ଗୋପାଳ ଚନ୍ଦ୍ର ଦତ୍ତ, ଆଦିତ୍ୟ ନାରାୟଣ ପାତ୍ର, ସଂଗ୍ରାମ ପରିଡା, ବନମାଳୀ ଧଳ, ଶ୍ରୀମନ୍ତ ଘୋଷ, ସିଦ୍ଧେଶ୍ୱର ପଣ୍ଡା, ବିନୋଦ ମହାନ୍ତି, ଅବନୀ ଚାନ୍ଦ, ରବିନ୍ଦ୍ର ପାତ୍ର, ସତ୍ୟନାରାୟଣ ଦାସ, ରବିନ୍ଦ୍ର ସେନାପତି, ଦୁର୍ଗାଶଂକର ଗିରି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆସନ୍ତା ୧୦ ତାରିଖ ଆନ୍ଦୋଳନକୁ ସମର୍ଥନ କରି ଅନ୍ୟୁନ ୨ଶହ ଲୋକ ଆନ୍ଦୋଳନରେ ସାମିଲ ହେବେ ବୋଲି କହିଛନ୍ତି ।

ଗୁରୁଜୀ ଗୁରୁମା ଆବଶ୍ୟକ

ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର (ଆବାସିକ) ବଡସାହି, ମୟୂରଭଞ୍ଜ ଓଡିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ନିମ୍ନଲିଖିତ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଉକ୍ତ ପଦବୀ ପାଇଁ ଆସନ୍ତା ତା ୧୭/୦୩ /୨୦୨୪ ରିଖ ରବିବାର ଦିବା୧୦ଟାରେ ବଡସାହି ଠାରେ ସିଧାସଳଖ ସାକ୍ଷାତକାର ଅନୁଷ୍ଠିତ ହେବ। ଫୋନରେ ଯଥାଶୀଘ୍ର ନିଜର ନାମ ପଞ୍ଜିକରଣ କରନ୍ତୁ। ସାକ୍ଷାତକାର ପୂର୍ବରୁ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ୩୦୦ଟଙ୍କା ଜମାକରି ନିର୍ଦ୍ଧାରିତ ଫର୍ମରେ ବାୟୋଡାଟା, ଯୋଗ୍ୟତା ପ୍ରମାଣପତ୍ର ଓ ଫଟୋ ସହିତ ଆବେଦନ କରିବାକୁ ପଡିବ।

ଗୁରୁଜୀ/ଗୁରୁମା : ଆର୍ଟସ୍ (ଓଡିଆ, ଇଂରାଜୀ, ଇତିହାସ, ଭୂଗୋଳ) / ପି.ସି.ଏମ / ସି.ବି.ଜେଡ୍ / ହିନ୍ଦୀ / ସଂସ୍କୃତ / କ୍ରୀଡା ଓ ଯୋଗ / କମ୍ପ୍ୟୁଟର / ସୁପରଭାଇଜର / ପିଅନ / ସିକ୍ୟୁରିଟି ଗାର୍ଡ / ରୋଷେୟା / ଡ୍ରାଇଭର

ଶିକ୍ଷାଗତ ଯୋଗ୍ୟତା- ଆଇଏ / ବିଏ / ବିଏସ୍‌ସି / ବିଇଡି / ବିଏଚ୍